୬ ▶ ଇଣ୍ଡୋନେସିଆକୁ ୧୭-୧ ଗୋଲରେ ହରାଇଲା ଭାରତୀୟ ମହିଳା ହକି ଦଳ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୩୩ ● ୨୨ ସେପ୍ଟେମ୍ବର ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-233 ● 22nd September 2026, Tuesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


### ଲଘୁଚାପଜନିତ ଲଗାଣ ବର୍ଷାକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ପ୍ରସ୍ତୁତି ସମୀକ୍ଷା

# ବାତ୍ୟା ସମ୍ଭାବନା ନାହିଁ, ସ୍ଥିତି ଉପରେ ନଜର ରଖିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ


ଭୁବନେଶ୍ୱର, ୨୧।୯

ନ୍ୟୁଜ୍ ବ୍ୟୁରୋ

ଆଗାମୀ ୨-୩ ଦିନ ରାଜ୍ୟର ବିଶେଷ କରି ଦକ୍ଷିଣାଞ୍ଚଳ ଜିଲ୍ଲାଗୁଡ଼ିକରେ ସମ୍ଭାବ୍ୟ ଲଘୁଚାପଜନିତ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଏହି ପରିପ୍ରେକ୍ଷୀରେ ସୋମବାର ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଗ୍ନିଶମ ସେବା ନିର୍ଦ୍ଦେଶକ ଡ଼ଃ. ସୁଧାଂଶୁ ଷଡଙ୍ଗୀ, ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ, ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ଏସଆରସି ଏବଂ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗୀୟ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ । ସମ୍ଭାବ୍ୟ ଲଘୁଚାପ ଜନିତ ଲଗାଣ ବର୍ଷାରେ ପ୍ରଭାବିତ ହେବାକୁ ଥିବା ୧୧ଟି ଜିଲ୍ଲାର ଜିଲ୍ଲାପାଳମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ।

ବୈଠକରେ ଭୁବନେଶ୍ୱରସ୍ଥିତ ଭାରତୀୟ ପାଣିପାଗ ବିଭାଗ ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶିକା ଡ଼ଃ. ମନୋରମା ମହାନ୍ତି ଯୋଗଦେଇ ବର୍ତ୍ତମାନ ରାଜ୍ୟରେ ପାଣିପାଗ ସ୍ଥିତି, ସମ୍ଭାବ୍ୟ ବର୍ଷା ଓ ଆଗାମୀ ଦିନଗୁଡ଼ିକର ପୂର୍ବାନୁମାନ ସମ୍ପର୍କରେ ସୂଚନା ଦେଇଥିଲେ। ଆଇଏମଡିର ଆକଳନ ଅନୁଯାୟୀ, ବଙ୍ଗୋପସାଗରରପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ଅଞ୍ଚଳରେ ରହିଥିବା ସୁସ୍ପଷ୍ଟ ଲଘୁଚାପ କ୍ଷେତ୍ର ଆଗାମୀ ୨୪ ଘଣ୍ଟାରେ ଅବପାତରେ ଏବଂ ପରବର୍ତ୍ତୀ ୨୪ ଘଣ୍ଟାରେ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୩ ସେପ୍ଟେମ୍ବର ସକାଳ ସମୟରେ ଉତ୍ତର ଆନ୍ଧ୍ରପ୍ରଦେଶ–ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ବିଶେଷ କରି ଦକ୍ଷିଣ ଓଡ଼ିଶାର ପ୍ରାୟ ୧୧ଟି ଜିଲ୍ଲାରେ ୨୨ରୁ ବର୍ଷା ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଗଭୀର ଅବପାତର ସମ୍ଭାବନା ରହିଛି। ତେବେ ସମୁଦ୍ରକୂଳ ଅଞ୍ଚଳରେ ସେ ସମୟରେ ୪୫-୫୫ କିଲୋମିଟର ଏବଂ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ପ୍ରାୟ ୭୦ କିମି. ବେଗରେ ପବନ ବହିବାର ସମ୍ଭାବନା ରହିଛି । (ପୃଷ୍ଠା ୭ରେ)





### ପୁରୀରୁ ଦକ୍ଷିଣକୁ ଥିବା ଜିଲ୍ଲାଗୁଡ଼ିକ ବେଶୀ ପ୍ରଭାବିତ ହେବ : ଆଇଏମଡି ଡିଜି

ଭୁବନେଶ୍ୱର, ୨୧।୯

ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ଗଭୀର ଅବପାତ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ସେ କହିଛନ୍ତି ଯେ ଅବପାତ ପ୍ରଭାବରେ ପୁରୀରୁ ଦକ୍ଷିଣକୁ ଥିବା ଜିଲ୍ଲାଗୁଡ଼ିକ ସବୁଠାରୁ ବେଶୀ ପ୍ରଭାବିତ ହେବ। ୨୨ ତାରିଖ ସନ୍ଧ୍ୟାରୁ ୫୫ରୁ ୬୫ କିମି ବେଗରେ ପବନ ବହିବ। ୨୩ ଓ ୨୪ ତାରିଖରେ କିଛି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବ। ୨୫ ତାରିଖ ବେଳକୁ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ଅଧିକ ବର୍ଷା ହେବ। ଏପରିକି ୨୦ ସେମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ହେବାକୁ ଥିବାରୁ ନଦୀର ଜଳସ୍ତର ବଢ଼ିବା ସମ୍ଭାବନା ରହିଛି। ତଳିଆ ଅଞ୍ଚଳ ମଧ୍ୟ (ପୃଷ୍ଠା ୭ରେ)

### ବିଧାନସଭା ଅଧିବେଶନ ପୂର୍ବରୁ ହେଲା ସର୍ବଦଳୀୟ ବୈଠକ

# ଗୃହ ସୁଚାରୁ ରୂପେ ଚାଲିବା ପାଇଁ ସହଯୋଗ କାମନା କଲେ ବାଚସ୍ପତି

ଭୁବନେଶ୍ୱର, ୨୧।୯

ନ୍ୟୁଜ୍ ବ୍ୟୁରୋ



ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନ ଅବ୍ୟବହିତ ପୂର୍ବରୁ ଓଡ଼ିଶା ବିଧାନସଭାରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଯୋଗ ଦେଇଥିଲେ । ଏହି ବୈଠକରେ ବିଧାନସଭାର ଆଗାମୀ ଅଧିବେଶନ କିଭଳି ଭାବେ ସୁଚାରୁ ରୂପେ ଚାଲି ପାରିବ ସେ ନେଇ ଆଲୋଚନା କରାଯାଇଛି । ବାଚସ୍ପତି ସୁରମା ପାଢୀ ବିଧାନସଭା ସୁଚାରୁ ରୂପେ ଚାଲିବା ପାଇଁ ସମସ୍ତ ରାଜନୈତିକ ଦଳ ମାନଙ୍କର ସହଯୋଗ କାମନା କରିଛନ୍ତି ।

ଏହି ବୈଠକରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳର ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପ ମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ, କଂଗ୍ରେସ ବିଧାୟକ ଅଶୋକ ଦାସ ଉପସ୍ଥିତ ଥିଲେ ।

ବୈଠକ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁସ୍ଥ ସଂସଦୀୟ ପରମ୍ପରା ରକ୍ଷା ଓ ଜନହିତକର ପ୍ରସଙ୍ଗରେ ଗଠନମୂଳକ ଓ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ସମସ୍ତ ରାଜନୈତିକ ଦଳର ସକାରାତ୍ମକ ସହଯୋଗ ଲୋଡ଼ିଛନ୍ତି। ତାଙ୍କ ସରକାର ରାଜ୍ୟବାସୀଙ୍କ ସର୍ବାଙ୍ଗୀନ କଲ୍ୟାଣ ତଥା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ସହମତି ଏବଂ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବାକୁ ଦୃଢ଼ ପ୍ରତିବଦ୍ଧ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ସରକାରଙ୍କ ଆଭିମୁଖ୍ୟକୁ ସହଜରେ ଗ୍ରହଣ କରିବା ମୁଡରେ ନାହିଁ ବିରୋଧୀ ବିଜେଡି। ବୈଠକ ପରେ ଗଣମାଧମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ସୋମବାର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଚିରାଚରିତ ଢଙ୍ଗରେ ସର୍ବଦଳୀୟ ବୈଠକ ହୋଇଛି। ବିଧାନସଭା କେମିତି ଚାଲିବ ସେନେଇ ଆଲୋଚନା କଲେ। ଆମେ କିନ୍ତୁ ଏମଏମଡିଆର ଆକ୍ଟ ସଂଶୋଧନ କଥା ଉଠାଇଲୁ, ଓଡ଼ିଶାର ଯାହା କ୍ଷତି ହୋଇଛି ସେନେଇ ଆଲୋଚନା କରାଯାଉ, ନଚେତ୍ ଧନ୍ୟବାଦ ଦେଇ ଆଲୋଚନା କରାଯାଉ। ଆମେ ଅପେକ୍ଷା ବି କରିଛୁ। ନହେଲେ ତା'ପରେ ଦଳ ଯାହା ନିଷ୍ପତ୍ତି ନେବ ସେହି ଅନୁଯାୟୀ ଆମେ କାର୍ଯ୍ୟ କରିବୁ। ଗୃହ ଚାଲିବାରେ ସହଯୋଗ କରିବୁ କି ନାହିଁ ତାହା ଆମ ଦଳ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- କେରଳମ୍‌ରେ ଭୂସ୍ଖଳନ ଓ ବନ୍ୟା ଯୋଗୁ ୬ ମୃତ।
- ବାଂଲାଦେଶରେ ଫାଟିଲା ସିଲିଣ୍ଡର, ପୋଷାକ କାରଖାନାରେ ଅଗ୍ନିକାଣ୍ଡ, ୬ ମୃତ, ୨୦ ଆହତ।
- ଉପର ତ୍ରିଶୁଲି-୧ ଜଳବିଦ୍ୟୁତ ପ୍ରକଳ୍ପରେ ଅଦ୍ୟାବଧି ୪୩୯ ନିଖୋଜ, ୮୭୭ ଜଣଙ୍କୁ ସୁରକ୍ଷିତ ଉଦ୍ଧାର।
- ସୁଲତାନଗଞ୍ଜରେ କର୍ମ-ଧର୍ମ ପୂଜା ସମୟରେ ବଡ଼ ଦୁର୍ଘଟଣା, ବନ୍ୟା ପାଣିରେ ବୁଡି ୬ଜଣଙ୍କ ମୃତ୍ୟୁ।
- କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ଏଏନଟିଏଫ ପ୍ରମୁଖମାନଙ୍କ ଜାତୀୟ ସମ୍ମିଳନୀର କରିବେ ଉଦ୍‌ଘାଟନ।
- ଛତିଶଗଡ଼ର ବୀଜାପୁରରେ ନକ୍ସଲମାନଙ୍କ ଡମ୍ପରୁ ଅସ୍ତ୍ରଶସ୍ତ୍ର ଉଦ୍ଧାର।
- ସିରିଆରେ ସିରିଜ ବିସ୍ଫୋରଣ, ଗୋଳାବାରୁଦ ଡିପୋକୁ ଟାର୍ଗେଟ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୫୪୮ (-୧୨୬)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୧୭୦ (-୧୧୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୫୯୪ (-୯୪)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୦ (-୫)

# ଓଡ଼ିଶାରେ ଏସ୍‌ଆଇଆର ପ୍ରକ୍ରିୟା ଶେଷ: ଚୂଡ଼ାନ୍ତ ଭୋଟର ତାଲିକାରେ ୩.୧୬ କୋଟି ମତଦାତା

### ୨୧ ଲକ୍ଷରୁ ଅଧିକ ନାମ ବାଦ ପଡ଼ିବା ପରେ ୨.୯୦ ଲକ୍ଷ ନୂଆ ମତଦାତା ସାମିଲ



ଭୁବନେଶ୍ୱର, ୨୧।୯

ନ୍ୟୁଜ୍ ବ୍ୟୁରୋ

ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୦୨୬ ମସିହା ପାଇଁ ଓଡ଼ିଶାରେ ଅନୁଷ୍ଠିତ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର) ସମ୍ପୂର୍ଣ୍ଣ ହୋଇଛି। ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଗ୍ରହଣ କରି ପ୍ରସ୍ତୁତ ଚୂଡ଼ାନ୍ତ ଭୋଟର ତାଲିକା ସୋମବାର ପ୍ରକାଶ ପାଇଛି।

ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ଓଡ଼ିଶାରେ ମୋଟ ୩,୧୬,୩୨,୭୫୪ ଜଣ ମତଦାତା ରହିଛନ୍ତି। ସେଥି ମଧ୍ୟରେ ୧,୬୧,୩୦,୩୧୯ ଜଣ ପୁରୁଷ, ୧,୫୪,୯୯,୬୬୧ ଜଣ ମହିଳା ଏବଂ ୨,୭୭୪ ଜଣ ତୃତୀୟଲିଙ୍ଗୀ ମତଦାତା ଅଛନ୍ତି। ଚୂଡ଼ାନ୍ତ ତାଲିକାରେ ମତଦାତା-ଜନସଂଖ୍ୟା ଅନୁପାତ ୬୭.୦୫ ଏବଂ ଲିଙ୍ଗ ଅନୁପାତ ୯୬୧ ରହିଛି। (ପୃଷ୍ଠା ୭ରେ)

### ଶିକ୍ଷକମାନଙ୍କ ସମସ୍ୟା ନେଇ ରିପୋର୍ଟ ଦେଲେ ଅଶୋକ ତ୍ରିପାଠୀ କମିଟି

# ସୁପାରିଶକୁ ଉପଯୁକ୍ତ ବିଚାର କରାଯାଇ ନିଷ୍ପତ୍ତି ନିଆଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧।୯

ନ୍ୟୁଜ୍ ବ୍ୟୁରୋ

ଲୋକସେବା ଭବନରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଗଠିତ କମିଟି ଏହାର ରିପୋର୍ଟ ପ୍ରଦାନ କରିଛନ୍ତି ।



ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନିର୍ଦ୍ଦେଶରେ ଏହି କମିଟି ୨୦୨୫ ଡିସେମ୍ବର ୬ ତାରିଖରେ ଗଠିତ ହୋଇଥିଲା ଏବଂ ୨୦୨୬ ଫେବୃୟାରୀ ୩ ତାରିଖରେ ପୁର୍ନଗଠିତ ହୋଇଥିଲା । ସୋମବାର ଏହି କମିଟି ତା'ର ରିପୋର୍ଟ ପ୍ରଦାନ (ପୃଷ୍ଠା ୭ରେ)

# ଭାରତ-ନ୍ୟୁଜିଲ୍ୟାଣ୍ଡ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ


ନୂଆଦିଲ୍ଲୀ, ୨୧।୯

ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଚୂଡ଼ାନ୍ତ ହୋଇଛି। ଆସନ୍ତା ଅକ୍ଟୋବର ୨୦ରୁ ଏହା କାର୍ଯ୍ୟକାରୀ ହେବ। ଏହା ଫଳରେ ନ୍ୟୁଜିଲ୍ୟାଣ୍ଡ ବଜାରରେ ଭାରତର ୧୦୦% ରପ୍ତାନୀ ସାମଗ୍ରୀ ଶୁଳ୍କମୁକ୍ତ ପ୍ରବେଶ ସୁବିଧା ପାଇବ। ଉଭୟ ଦେଶ ଗତଏପ୍ରିଲ ୨୭ରେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ନ୍ୟୁଜିଲ୍ୟାଣ୍ଡ ସଂସଦରେ ଚୁକ୍ତିକୁ ଅନୁମୋଦନ ମିଳିବା ପରେ ଉଭୟ ଦେଶ ଏହାକୁ ଲାଗୁ କରିବା ପାଇଁ ଆବଶ୍ୟକ ପ୍ରକ୍ରିୟା ଶେଷ କରିଛନ୍ତି।

ଏହି ରାଜିନାମାରୁ ଭାରତର ବୟନ ଓ ପୋଷାକ, ଚମଡ଼ା ଓ ଜୋତା, ଇଞ୍ଜିନିୟରିଂ ସାମଗ୍ରୀ, ଔଷଧ, କୃଷି ଓ ପ୍ରକ୍ରିୟାକୃତ ଖାଦ୍ୟ ଭଳି କ୍ଷେତ୍ର ଲାଭ ପାଇବ। ନ୍ୟୁଜିଲ୍ୟାଣ୍ଡ ପୂର୍ବରୁ କିଛି ଭାରତୀୟ ରପ୍ତାନୀ ସାମଗ୍ରୀ ଉପରେ ୧୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରୁଥିଲା। ଏହି ଚୁକ୍ତି ପରେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଖର୍ଚ୍ଚ କମିବା ସହ ବଜାର ପ୍ରବେଶ ସହଜ ହେବ।

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ଅନୁସାରେ, ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ସାମଗ୍ରୀ ଓ ସେବା ବାଣିଜ୍ୟକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରହିଛି। ଏହି ରାଜିନାମା ସେଥିରେ ସହାୟକ ହେବ। ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ କହିଛନ୍ତି ଯେ ଏହି ରାଜିନାମା ଦୁଇ ଦେଶର ବାଣିଜ୍ୟ ଓ ଆର୍ଥିକ ସମ୍ପର୍କକୁ ଆହୁରି ମଜବୁତ କରିବ। ରାଜିନାମା ଲାଗୁ ହେବା ସହ ଦୁଇ ଦେଶର ବ୍ୟବସାୟୀ ଓ ରପ୍ତାନିକାରୀଙ୍କ ପାଇଁ ନୂଆ ବଜାର ସୁଯୋଗ ଖୋଲିବ।

ରାଜିନାମା ଅନୁସାରେ ନ୍ୟୁଜିଲ୍ୟାଣ୍ଡ ଭାରତରେ ୧୫ ବର୍ଷ ମଧ୍ୟରେ ୨୦ ବିଲିଅନ ଡଲାର ନିବେଶ କରିବା ନେଇ ପ୍ରତିବଦ୍ଧତା ପ୍ରକାଶ କରିଛି। ଏହା (ପୃଷ୍ଠା ୭ରେ)




# ବର୍ଷା ପାଇଁ ୨୩ରୁ ୨୪ ବନ୍ଦ ରହିବ କଳିଙ୍ଗା ଘାଟି

ଭୁବନେଶ୍ୱର, ୨୧।୯

ନ୍ୟୁଜ୍ ବ୍ୟୁରୋ

ଲଘୁଚାପ ବର୍ଷା ପାଇଁ ୨୩ ଓ ୨୪ ତାରିଖରେ ବନ୍ଦ ରହିବ କଳିଙ୍ଗା ଘାଟିରେ ଯାତାୟାତ । ଏନେଇ ଗଞ୍ଜାମ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବର୍ଷା ରେଡ ଆଲର୍ଟରୁ ଭୂସ୍ଖଳନ ଆଶଙ୍କା ଥିବାରୁ ବନ୍ଦ ରହିବ କଳିଙ୍ଗା ଘାଟି । ବିକଳ୍ପ ରାସ୍ତା ଦେଇ ଯାତାୟାତ ଜାରି ରହିବ । ଟିକିଟିରେ ବନ୍ୟା ଓ ପାତ୍ରପୁରରେ ଭୂସ୍ଖଳନର ଆଶଙ୍କା ରହିଛି । ଉଭୟ ସ୍ଥାନରେ ଅଗ୍ନିଶମ ଓ ଓଡ୍ରାଫ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି । କନ୍ଧମାଳ ଜିଲ୍ଲାପାଳଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି। ଭୂସ୍ଖଳନ ଜନିତ ସମ୍ଭାବ୍ୟ ଦୁର୍ଘଟଣାକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଜଣାପଡିଛି।

## ଏକାଳ ପଖାଳ



ସାଉଦି ଆରବ ବୁଝି ସାରିଥିବ
କାହାର ନୁହଁଇ ଟ୍ରମ୍ପ
ନିଜେ କଣା କରି ଦେଖାଇ ହେବେ
ମାରୁଥିଲେ ସତେ ପମ୍ପ
ଘଡିକୁ ଘଡିକୁ ଜମ୍ପ
ଭରଷା କରିଛି ଯିଏ ଡୋନାଲଡଙ୍କୁ
ଦେହେ ତା ଆସିଛି କମ୍ପ।

# ୨୩ରେ ଘଟିବ ବିରଳ ଘଟଣା : ଦିନ-ରାତି ୧୨-୧୨ ଘଣ୍ଟା




ନୂଆଦିଲ୍ଲୀ, ୨୧।୯

ଆସନ୍ତା ୨୩ ତାରିଖରେ ଆକାଶରେ ଦେଖିବାକୁ ମିଳିବ ଏକ ବିଶେଷ ଭୌଗୋଳିକ ଘଟଣା । ଏହି ତାରିଖରେ ଦିନ ଓ ରାତିର ସମୟ ପ୍ରାୟ ସମାନ ରହିବ । ଏହି ଘଟଣାକୁ ବିଜ୍ଞାନରେ 'ଅଟମ୍ନାଲ ଇକ୍ୱିନକ୍ସ' ବା 'ଶରଦ ବିଷୁବ' କୁହାଯାଏ। ଏହାପରଠାରୁ ଉତ୍ତର ଗୋଲାର୍ଦ୍ଧ ଅର୍ଥାତ୍ ଭାରତରେ ମଧ୍ୟ ଦିନ ଧୀରେ ଧୀରେ ଛୋଟ ଏବଂ ରାତି ଲମ୍ବା ହେବା ଆରମ୍ଭ କରିବ।

ପୃଥିବୀ ନିଜ ଅକ୍ଷରେ ପ୍ରାୟ ୨୩.୫ ଡିଗ୍ରୀ ଢଳି ରହି ସୂର୍ଯ୍ୟକୁ ପରିକ୍ରମା କରୁଛି । ଏହା ଯୋଗୁଁ ବର୍ଷର ବିଭିନ୍ନ ସମୟରେ ଉତ୍ତର ଓ ଦକ୍ଷିଣ ଗୋଲାର୍ଦ୍ଧରେ ସୂର୍ଯ୍ୟକିରଣର ପ୍ରଭାବରେ ପରିବର୍ତ୍ତନ ହୁଏ । ବର୍ଷରେ ଦୁଇଥର ଏଭଳି ସମୟ ଆସେ, ଯେତେବେଳେ ସୂର୍ଯ୍ୟଙ୍କ କିରଣ ଭୂମଧ୍ୟରେଖା ଉପରେ ପ୍ରାୟ ସିଧା ପଡ଼େ। ମାର୍ଚ୍ଚରେ ଏହାକୁ 'ଭର୍ନାଲ ଇକ୍ୱିନକ୍ସ' ଏବଂ ସେପ୍ଟେମ୍ବରରେ 'ଅଟମ୍ନାଲ ଇକ୍ୱିନକ୍ସ' କୁହାଯାଏ।

୨୩ ସେପ୍ଟେମ୍ବର ପରେ ସୂର୍ଯ୍ୟଙ୍କ ଦୃଶ୍ୟମାନ ଅବସ୍ଥାନ ଦକ୍ଷିଣ ଗୋଲାର୍ଦ୍ଧ ଦିଗକୁ ସରିବା ଆରମ୍ଭ କରେ । ଫଳରେ ଉତ୍ତର ଗୋଲାର୍ଦ୍ଧରେ ସୂର୍ଯ୍ୟକିରଣ ଅଧିକ ତେର୍ଚ୍ଛା ଭାବେ ପଡ଼ିଥାଏ। ଏହା ସହିତ ଦିନର ଆଲୋକ ସମୟ (ପୃଷ୍ଠା ୭ରେ)

# ବିଜେପି ବିଧାୟକ ଦଳ ବୈଠକ



ଭୁବନେଶ୍ୱର, ୨୧।୯

ନ୍ୟୁଜ୍ ବ୍ୟୁରୋ

ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ସୋମବାର ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଏବଂ ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ସମସ୍ତ ମନ୍ତ୍ରୀ ଏବଂ ବିଧାୟକବୃନ୍ଦ ଉପସ୍ଥିତ ଥିଲେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର ୨୨ସେପ୍ଟେମ୍ବର ୨୦୨୬ ମଙ୍ଗଳବାର





# ଗଣେଶ ମହୋତ୍ସବ : କମ୍ପୁଛି ଜଟଣୀ ସହର

**ଜଟଣୀ, ନ୍ୟୁଜ୍ ବ୍ୟୁରୋ**



ଜଟଣୀ ବିନାୟକ ଚତୁର୍ଥୀ ଠାରୁ ଆରମ୍ଭ ହୋଇଥିବା ଜଟଣୀ ପ୍ରସିଦ୍ଧ ଗଣେଶ ପୂଜା ଉତ୍ସବ ଆସନ୍ତା ଇନ୍ଦ୍ରପୂର୍ଣ୍ଣିମାରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ଦୀର୍ଘ ୧୩ଦିନ ଧରି ଜଟଣୀ ସହର ଓ ତାର ଆଖପାଖ ଅଞ୍ଚଳ ଖୁବ୍ ଆଡମ୍ବର ସହକାରେ ପାଳିତ ହେଉଛି। ଏଥିନିମନ୍ତେ ଜଟଣୀର ସମସ୍ତ ପୂଜାପେଣ୍ଡାଲଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିବା ବେଳେ ଜଟଣୀ ଶରତ ପାଇକରାୟ ଷ୍ଟାଡ଼ିୟମ ପରିସରରେ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଗଣେଶ ମହୋତ୍ସବ ମଞ୍ଚରେ ପାରମ୍ପରିକ ନୃତ୍ୟ, ସମରକଳା, ଗଡ଼ଖୋର୍ଦ୍ଧାର ବୀର ପାଇକ ଆଖଡ଼ା ପ୍ରଦର୍ଶନ ସହିତ ରାଜ୍ୟ ତଥା ରାଜ୍ୟ ବାହାରୁ କଳାକାରମାନେ ତାଙ୍କ କଳା ସଂସ୍କୃତିକୁ ବଞ୍ଚାଇ ରଖିବା ନିମନ୍ତେ ଦୁଃସାହସିକ କଳାପ୍ରଦର୍ଶନ ଦର୍ଶକଙ୍କୁ ମନମୁଗ୍ଧ କରିଥିବା ବେଳେ ଗୋଟିପୁଅ ନୃତ୍ୟ, ଦାଶକାଠିଆ, ପାଲା, ଓଡ଼ିଶୀ ନୃତ୍ୟ, ରଣପାନୃତ୍ୟ, ସମ୍ବଲପୁରୀ ନୃତ୍ୟ ସମେତ ବିଭିନ୍ନ ପ୍ରକାର କଳା ସଂସ୍କୃତି ସହିତ ଜଡ଼ିତ ଥିବା ଜିଲ୍ଲାର କଳା ବଞ୍ଚାଇ ରଖିଥିବା ନିମନ୍ତେ ଏକ ସାଧୁବାଦ ଉଦ୍ୟମ। ପ୍ରତ୍ୟେକ ସନ୍ଧ୍ୟାରେ ସମସ୍ତ ପୂଜା ପେଣ୍ଡାଲଗୁଡ଼ିକରେ ଭଜନ, ଜଣାଣ, ମେଲୋଡ଼ି ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ଏହି ଗଣେଶ ମହୋତ୍ସବରେ ପ୍ରଭୁ ଶ୍ରୀ ଗଣେଶ, ମା' ଲକ୍ଷ୍ମୀ ଓ ଦେବୀ ସରସ୍ୱତୀ ଏକାସଙ୍ଗରେ ପୂଜା ପାଉଥିବା ଏକ ନିଆରା ପରମ୍ପରା ରହିଛି। କମିଶନରେଟ୍ ପୋଲିସ ଓ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

# ଖୋଲା ଆକାଶତଳେ ଅଙ୍ଗନୱାଡ଼ି କେନ୍ଦ୍ର: ୩୦ ଶିଶୁଙ୍କ ଭବିଷ୍ୟତ ଅନ୍ଧାର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକର ବିକାଶ ଓ ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ବାଘୁଆରି ଅଙ୍ଗନବାଡ଼ି କେନ୍ଦ୍ରରେ ଏହାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ଦୃଶ୍ୟମାନ ହେଉଛି। ନିଜସ୍ୱ ଗୃହଟିଏ ନଥିବାରୁ ପ୍ରାୟ ୩୦ ଜଣ କୋମଳମତୀ ଶିଶୁଙ୍କ ପାଠପଢ଼ା ଏବେ ବାଟବଣା ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ଏହି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଗୃହ ନିର୍ମାଣ ହୋଇପାରି ନାହିଁ। ଫଳରେ ଛୋଟ ପିଲାମାନେ କେତେବେଳେ ଲୋକଙ୍କ ଦ୍ୱାରମୁହଁ ପିଣ୍ଡାରେ ତ କେତେବେଳେ ଗଛମୂଳେ କିମ୍ବା ରାସ୍ତାକଡ଼ରେ ବସି ପାଠ ପଢ଼ିବାକୁ ବାଧ ହେଉଛନ୍ତି। ବର୍ତ୍ତମାନ



ବର୍ଷା ଓ ଖରାକୁ ଆଖି ଆଗରେ ରଖି ପିଲାମାନେ ରାସ୍ତାକଡ଼ରେ ଥିବା ଏକ ଅର୍ଦ୍ଧନିର୍ମିତ ଗଣେଶ ମନ୍ଦିର ପରିସରରେ ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି। ଏହା କେବଳ ପିଲାମାନଙ୍କ ପାଠପଢ଼ାକୁ ବାଧାପ୍ରାପ୍ତ କରୁନାହିଁ, ବରଂ ସେମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ଏକ ବଡ଼ ବିପଦ ସୃଷ୍ଟି କରିଛି। ତେବେ କେନ୍ଦ୍ର ପାଇଁ ଆବଣ୍ଟିତ ଅର୍ଥ ଏବଂ ଗୃହ ନିର୍ମାଣ କାହିଁକି ଅଟକି ରହିଛି, ତାହାର କାରଣ ପଚାରିବାରୁ ସ୍ଥାନୀୟ କର୍ମୀ ଜଣକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ରାଜନୈତିକ ଛକାପଞ୍ଝା ଓ ସ୍ଥାନୀୟ ସ୍ୱାର୍ଥାନ୍ୱେଷୀ ମହଲର ଜାଗା ବିବାଦ ଯୋଗୁଁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି ସେ କହିଛନ୍ତି। ଗ୍ରାମର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାମାଜିକ ଓ ରାଜନୈତିକ ହସ୍ତକ୍ଷେପ ଯୋଗୁଁ କେନ୍ଦ୍ର ପାଇଁ ନିର୍ଦ୍ଦିଷ୍ଟ ଜାଗା ଚିହ୍ନଟ ହୋଇପାରୁ ନଥିବା ଅଭିଯୋଗ ହୋଇଛି। ସରକାରଙ୍କ 'ସମୃଦ୍ଧ ଅଙ୍ଗନବାଡ଼ି' ଯୋଜନା ଏଠାରେ କେବଳ କାଗଜ କଲମରେ ସୀମିତ ରହିଯାଇଥିବା ଅନୁଭବ କରୁଛନ୍ତି ଅଞ୍ଚଳବାସୀ। ତୁରନ୍ତ ଏହି ଜାଗା ବିବାଦର ସମାଧାନ କରାଯାଇ ବାଘୁଆରି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଏକ ସ୍ଥାୟୀ ଗୃହ ନିର୍ମାଣ କରା ନଗଲେ ଆଗାମୀ ଦିନରେ ଗ୍ରାମବାସୀ ଏବଂ ଅଭିଭାବକମାନେ ବ୍ଲକ ପ୍ରଶାସନର କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରଶାସନ ଏଥିପ୍ରତି କେବେ ଦୃଷ୍ଟି ଦେଉଛି, ତାହାହିଁ ଦେଖିବାକୁ ବାକି ରହିଲା।

# ଇଞ୍ଜିନିୟରିଂ ଦିବସ ପାଳିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ନିଷ୍ଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦେଶର ଅନ୍ୟତମ ମହାନ୍ ଇଞ୍ଜିନିୟର ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରୟାଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ଇଞ୍ଜିନିୟରିଂ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନିଷ୍ଟ ପ୍ରତିଷ୍ଠାତା ତଥା ସଭାପତି ଡ଼କ୍ଟର ସୁକାନ୍ତ କେ. ମହାପାତ୍ର ଦିବସର ମହତ୍ତ୍ୱ ଉପରେ ବର୍ଣ୍ଣନା କରିଥିଲେ। କୁଳପତି ଡ଼. ପ୍ରକାଶ କୁମାର ହୋତା ସଭାରେ ଅଧ୍ୟକ୍ଷତା କରିବା ସହ ବିଶ୍ୱେଶ୍ୱରୟାଙ୍କ ଜୀବନରୁ ଶିକ୍ଷା ଲାଭ କରିବା ଉଚିତ୍ ବୋଲି କହିଥିଲେ। ଏଥିରେ ଭିଏସ୍ଏସ୍ୟୁଟି ବୁର୍ଲାର ଇଲେକ୍ଟ୍ରିକାଲ୍ ପ୍ରଫେସର ସିଦ୍ଧାର୍ଥ ପଣ୍ଡା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଆନ୍ଧ୍ର ପ୍ରଦେଶସ୍ଥିତ ବିଶ୍ୱବିଦ୍ୟାଳୟର ଏଆଇଟିଆଇ କେନ୍ଦ୍ରର ପ୍ରଫେସର ଏବଂ ଡ଼ିନ୍ ପ୍ରଫେସର ସରାଜୁ ପି ମହାନ୍ତି ଏବଂ ବିଶ୍ୱବିଦ୍ୟାଳୟର ଡ଼. ଉମା ଚୋପାଲି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ଼. ପ୍ରୀତି ରଞ୍ଜନ ସାହୁ, ଡ଼. ସସ୍ମିତା ପାଢ଼ୀ, ଡ଼. ବରଦା ପ୍ରସାଦ ସେଠୀ, ଡ଼. ସ୍ୱାଧୀନ ମିଶ୍ର, ଡ଼. ମାନବେନ୍ଦ୍ର ପାତ୍ର, ପିତାମ୍ବର ସାହୁ, ଆଶିଷ ଦାସ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ଼. ଆକାଙ୍କ୍ଷା ପଟ୍ଟନାୟକ ପରିଚାଳନା କରିଥିବା ବେଳେ କୁଳସଚିବ ଡ଼. ବିଷ୍ଣୁଙ୍କର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରାଜ୍ୟପଥରେ ଓଭରଲୋଡିଂ ପରିବହନ ନେଇ ଅସନ୍ତୋଷ ବଢ଼ୁଛି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାର ରାଜ୍ୟ ରାଜପଥ-୧୦ ଓ ଜାତୀୟ ରାଜପଥ-୪୯ରେ ବେଆଇନ ଓଭରଲୋଡିଂ ପରିବହନକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଓଭରଲୋଡିଂ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ କୁଣାଳ ମୋତିରାମ ଚୌହାଣ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ରାଜପଥଗୁଡ଼ିକରେ ଏହା ଉପରେ ରୋକ୍ ଲାଗିନଥିବା ଅଭିଯୋଗ ହୋଇଛି। ଏହି ଦୁଇ ରାଜପଥରେ ବିଭିନ୍ନ ଭାରିଯାନରେ କୋଇଲା ସମେତ ଅନ୍ୟାନ୍ୟ ସାମଗ୍ରୀ ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ପରିମାଣରେ ପରିବହନ କରାଯାଉଥିବା ଅଭିଯୋଗ ରହିଛି। ଓଭରଲୋଡିଂ ଯୋଗୁଁ ଗାଡ଼ିରୁ ସାମଗ୍ରୀ ରାସ୍ତା ଉପରେ ଖସିପଡ଼ିବା ସହ ଯାତାୟାତରେ ସମସ୍ୟା ଓ ଦୁର୍ଘଟଣାର ଆଶଙ୍କା ବଢ଼ୁଛି। ଏଥିସହ ସାଧାରଣ ଯାତ୍ରୀ ଓ ଦୁଇଚକିଆ ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଇଛି। ଓଭରଲୋଡିଂ ରୋକିବା ଦିଗରେ ପରିବହନ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଜିଲ୍ଲାବାସୀ ଦାବି କରିଛନ୍ତି। ଜନସୁରକ୍ଷା ଦୃଷ୍ଟିରୁ ନିୟମ ଉଲ୍ଲଂଘନକାରୀ ଭାରୀଯାନ ବିରୋଧରେ କଠୋର ପଦକ୍ଷେପ ନେବା ସହ ରାସ୍ତା ଉପରେ ସାମଗ୍ରୀ ଖସିପଡ଼ିବା ଭଳି ଘଟଣାକୁ ରୋକିବାକୁ ମଧ୍ୟ ଦାବି ହୋଇଛି।

# ମୌଳିକ ସୁବିଧାରୁ ବଞ୍ଚିତ ବିସ୍ଥାପିତ ପରିବାର ଭୋଗୁଛନ୍ତି ଯମଯନ୍ତ୍ରଣା

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ବହୁ ପ୍ରତିକ୍ଷିତ କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ପାଇଁ ନିଜର ଭିଟାମାଟି ହରାଇଥିବା ବିସ୍ଥାପିତମାନେ ଏବେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ପ୍ରକଳ୍ପ ଯୋଗୁଁ ଚମକପୁର ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇ ନାରଦପୁରସ୍ଥିତ ଲୁଣି ସାହିରେ ନିଜସ୍ୱ ଖର୍ଚ୍ଚରେ ଘରଡ଼ିହ କ୍ରୟ କରି ବସବାସ କରୁଛନ୍ତି। ତେବେ ବସତି ସ୍ଥାପନର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏହି ସାହିରେ ସର୍ବନିମ୍ନ ମୌଳିକ ସୁବିଧାର ଘୋର ଅଭାବ ଦେଖାଦେଇଛି। ଯାହାକୁ ନେଇ ସାହିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, କାନୁପୁର ପ୍ରକଳ୍ପ ଜରିଆରେ ଏଠାରେ ଏକ ବଡ଼ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଛି। କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଫଳରେ ସାହିବାସୀଙ୍କୁ ନିୟମିତ ଭାବେ ପାନୀୟ ଜଳ ମିଳିପାରୁ ନାହିଁ। ଜଳକଷ୍ଟ ସାଙ୍ଗକୁ ଯାତାୟାତ ସମସ୍ୟା ସ୍ଥିତିକୁ ଅଧିକ ଜଟିଳ କରିଛି। ଲୁଣି ସାହିରୁ ଗ୍ରାମ୍ୟ ମୁଖ୍ୟ ରାସ୍ତାକୁ କୌଣସି ସ୍ଥାୟୀ ପକ୍କା ରାସ୍ତା ନଥିବାରୁ ବିଶେଷ କରି ବର୍ଷାଦିନେ ଏହି ଅଞ୍ଚଳ କାଦୁଅରେ ପଚପଚ ହେଉଛି। ଏହା ଯୋଗୁଁ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଏବଂ ଜରୁରୀକାଳୀନ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଅଭିଯୋଗ ମୁତାବକ, ସାହିରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ନଥିବାରୁ ସଞ୍ଜ ନଇଁଲେ ସାରା ଅଞ୍ଚଳ ଅନ୍ଧାରରେ ବୁଡ଼ି ରହୁଛି। ଫଳରେ ରାତ୍ରିକାଳୀନ ଯାତାୟାତ ସମୟରେ ବିପଦ ଆଶଙ୍କା ଲାଗି ରହୁଛି। ଏହା ସହିତ ସାହିରେ ପର୍ଯ୍ୟାପ୍ତ ଶୌଚାଳୟ ବ୍ୟବସ୍ଥା ନଥିବାରୁ ସ୍ୱଚ୍ଛତା ସମ୍ବନ୍ଧୀୟ ବଡ଼ ସମସ୍ୟା ସୃଷ୍ଟି ହୋଇଛି, ଯାହା ମହିଳା ଓ ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜାଉଛି। ନିଜର ହସଖୁସିର ଭିଟାମାଟିକୁ ବିକାଶ ନାଁରେ ତ୍ୟାଗ କରିଥିବା ଏହି ବିସ୍ଥାପିତ ପରିବାରଗୁଡ଼ିକ ଏବେ ପ୍ରଶାସନର ଦେଖାଶୁଣା ଅଭାବରୁ ଅସହାୟ ଅନୁଭବ କରୁଛନ୍ତି। ତୁରନ୍ତ ଏହି ଅଞ୍ଚଳର ଓଭରହେଡ୍ ପାଣି ଟାଙ୍କିକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥାୟୀ ରାସ୍ତା ନିର୍ମାଣ, ଷ୍ଟ୍ରିଟ୍ ଲାଇଟ୍ ଏବଂ ପର୍ଯ୍ୟାପ୍ତ ଶୌଚାଳୟର ସୁବିଧା ଯୋଗାଇ ଦେବାକୁ ଲୁଣି ସାହିବାସୀ ଦୃଢ଼ ଦାବି କରିଛନ୍ତି।

# ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଆଇନ୍ ସଚେତନତା କର୍ମଶାଳା

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଉମରକୋଟ ପ୍ରାଙ୍ଗଣରେ ଆୟୋଜିତ ଏହି ଆଇନ ସଚେତନତା କର୍ମଶାଳା କାର୍ଯ୍ୟକ୍ରମରେ ଶିଶୁ, ମହିଳା ତଥା କର୍ମଜୀବୀ ମହିଳାଙ୍କ ପ୍ରତି ଯୌନ ନିର୍ଯାତନା ଭଳି ଗୁରୁତ୍ୱପୂର୍ଣ୍ଣ ଆଇନ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ପ୍ରିନ୍ସିପାଲ ଅଧ୍ୟକ୍ଷ ଡ଼ଃ ଅନିଲ ମିଶ୍ରଙ୍କ ନିର୍ଦ୍ଦେଶରେ, ଦାୟିତ୍ୟରେ ଥିବା ସଂଯୋଜିକା ତଥା ଅଧ୍ୟାପିକା ସୁରଭି ଦାଶ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଆୟୋଜିତ ଏହି ଆଇନ ଶିବିରରେ, ବରିଷ୍ଠ ଓକିଲ ଶ୍ରୀନିବାସ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ, କାର୍ଯ୍ୟାସ୍ଥଳୀ ମହିଳା କର୍ମୀଙ୍କ ଯୌନ ନିର୍ଯ୍ୟାତନା ଆଇନ ୨୦୧୩, "ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଅଧିନିୟମ, ୨୦୧୨ ଏବଂ "ଆଣ୍ଟି ରାଗିଙ୍ଗ ଅଧିନିୟମ" ଭଳି ଗୁରୁତ୍ୱ ପୂର୍ଣ୍ଣ ଆଇନ ସମ୍ପର୍କରେ ଉଦ୍‌ବୋଧନ ଦେଇ ଉପସ୍ଥିତ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ବୃନ୍ଦଙ୍କୁ ସଚେତନ କରି ଥିଲେ। ମଞ୍ଚାସୀନ ଭାଇସ ପ୍ରିନ୍ସିପାଲ ରାମ ଶଙ୍କର ପଟ୍ଟନାୟକ କାର୍ଯ୍ୟକ୍ରମ ଟିକୁ ପରିଚାଳନା କରି ଥିବା ବେଳେ, ଅଧ୍ୟାପକ ଡ଼ଃ ପ୍ରଦୋଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ, ଡ଼ଃ ଜି.ଧର୍ମେନ୍ଦ୍ର ସମୀର ମହାନ୍ତି, ଆଦୁ କ୍ରିଷାନୀ, ଅଶୋକ କୁଜୁର, କୁମାରୀ ରଂଜିତା ରଥ, ଦୀପ୍ତି ଦାଶ, ଭାଗ୍ୟଶ୍ରୀ ସାମଲ, ବୈଶାଳୀ ବିଶୋଇ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଖାଲ ଖମା ଯୋଗୁଁ ୩୨୬ ନଂ ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

**ମାଲକାନାଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ୩୨୬ ନଂ ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ, ପ୍ରତିଦିନ ଘଟୁଛି ଦୁର୍ଘଟଣା। କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୯୬ ଗ୍ରାମ ନିକଟରେ ଏଭଳି ଦୁର୍ଘଟଣା ନିତିଦିନିଆ ହୋଇପଡିଛି। ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଗତ ବୁଧବାର ଏମଭି-୧୨୭ ଗ୍ରାମର ୭୦ ବର୍ଷୀୟ ବୃଦ୍ଧ ନଟବର ସରଦାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଏମଭି-୭୯ ମେଡିକାଲରେ ଚିକିତ୍ସା କରାଯାଉଛି।

# ହନୁମାନ ନଗରରେ ରକ୍ତଦାନ ଶିବିର ୭୨ ୟୁନିଟ୍ ରକ୍ତ ସଂଗ୍ରହ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଆସ୍କାରୋଡ୍ ହନୁମାନ ନଗରରେ ଗଣେଶ ପୂଜା କମିଟି ଓ ହନୁମାନ ନଗର ଯୁବକ ସଂଘ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଯୁବ ସମାଜସେବୀ ରୋହିତ୍ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ବରିଷ୍ଠ ସମାଜସେବୀ ରାଜେନ୍ଦ୍ର ମାଝୀ ଶୁଭାରମ୍ଭ କରିଥିଲେ। ଅତିଥି ରୂପେ ବିଜେଡ଼ି ଯୁବ ନେତା ଜ୍ୟୋତି ରଞ୍ଜନ ସାହୁ, ଶୋଭନ ନାୟକ, ଅଜିତ୍ ପାତ୍ର, ସୁଦୀପ୍ ସାହୁ, ନିହାର ଶତପଥୀ, ସୁରେଶ ବେହେରା, ବଳରାମ ବେହେରା, ଦେବାଶିଷ ମାଝୀ, ଶୁଭମ୍ ପଟ୍ଟନାୟକ, ଦୀପକ ନାୟକ, ନିଳାଞ୍ଚଳ ସାମନ୍ତରାୟ, ସୁନୀଲ୍ ନାୟକ, ଶଙ୍କର ସାମଲ, ପ୍ରଦୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନା ରକ୍ତ ଭଣ୍ଡାରର ବହୁ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଏଠାରେ ରକ୍ତଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସର୍ବମୋଟ ୭୨ ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଥିଲା। ଆଗାମୀ ଦିନରେ ମଧ୍ୟ ରକ୍ତଦାନ ସହ ବିଭିନ୍ନ ପର୍ବ ପର୍ବାଣୀରେ ଏପରି ସେବା କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଏଠାରେ ମୁଖ୍ୟ ପରିଚାଳକ ମାଝୀ କହିଥିଲେ।

# ବରଗଡ଼ରେ ଚୂଡ଼ାନ୍ତ ଭୋଟର ତାଲିକା-୨୦୨୬ ପ୍ରକାଶ ଜିଲ୍ଲାରେ ମୋଟ ଭୋଟର ୧୧.୧୧ ଲକ୍ଷ

**ବରଗଡ଼, ନ୍ୟୁଜ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆରଇଆର) ପ୍ରକ୍ରିୟା ଅନ୍ତର୍ଗତ ଚୂଡ଼ାନ୍ତ ଭୋଟର ତାଲିକା – ୨୦୨୬, ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଏହି ଉଦ୍ଦେଶ୍ୟରେ ଆୟୋଜିତ ଏକ ବୈଠକରେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ମହେନ୍ଦ୍ର ମହାପାତ୍ର ଚୂଡ଼ାନ୍ତ ଭୋଟର ତାଲିକା ଉନ୍ମୋଚନ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମଧୁଛନ୍ଦା ସାହୁ, ଡେପୁଟି କଲେକ୍ଟର ସୂର୍ଯ୍ୟମଣି ଭୋଇ, ଏଚ. ଆର.ଏମ.ଏସ. ସଂଯୋଜକ ଶ୍ରୀକାନ୍ତ ତ୍ରିପାଠୀ ଏବଂ ଭାରତୀୟ ଜାତୀୟ କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି, ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ ଆଦି ରାଜନୈତିକଦଳର ପ୍ରତିନିଧିମାନେ ଉପସ୍ଥିତ ରହି ଏହି ଭୋଟର ତାଲିକା ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ। ବରଗଡ଼ ଜିଲ୍ଲାର ସମୁଦାୟ ୫ଟି ନିର୍ବାଚନ ମଣ୍ଡଳୀରେ ମୋଟ ୧୬୭୦ ଭୋଟଦାନ କେନ୍ଦ୍ର ଥିବାବେଳେ ଲିଙ୍ଗାନୁପାତ ୯୬୯.୧୫ ରହିଅଛି ଏବଂ ଭୋଟରଙ୍କ ସଂଖ୍ୟା ହେଉଛି ୧୧,୧୧,୯୪୨। ତନ୍ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୫,୬୪,୬୬୬ ହୋଇଥିବାବେଳେ ମହିଳା ଭୋଟରଙ୍କର ସଂଖ୍ୟା ୫,୪୭,୨୪୭ ଏବଂ ତୃତୀୟ ଲିଙ୍ଗ ଭୋଟରଙ୍କର ସଂଖ୍ୟା ୨୮ ଅଟେ। ତା. ୦୫.୦୭.୨୦୨୬ରେ ପ୍ରକାଶିତ ଚିଠା ଭୋଟର ତାଲିକା ତୁଳନାରେ ଚୂଡ଼ାନ୍ତ ଭୋଟର ତାଲିକାରେ ଭୋଟରଙ୍କ ସଂଖ୍ୟା ୫,୦୬୬ ବୃଦ୍ଧି ପାଇଛି। ପ୍ରକାଶଥାଉ କି, ଚିଠା ତାଲିକାରେ ମୋଟ ଭୋଟରଙ୍କ ସଂଖ୍ୟା ୧୧,୦୬,୮୭୬ ରହିଥିଲା। ଯେକୌଣସି ବ୍ୟକ୍ତି ନିଜ ନାମ କିମ୍ବା କୌଣସି ସମ୍ପର୍କୀୟଙ୍କ ନାମ ଭୋଟର ତାଲିକାରେ ଯାଞ୍ଚ କରିବା ପାଇଁ ଚାହିଁଲେ ନିମ୍ନୋକ୍ତ ମାଧ୍ୟମରେ କରିପାରିବେ।

# ଭାଲୁଆକ୍ରମଣର ଦୁଇବର୍ଷ ପରେ ବି ମିଳିଲାନି ସହାୟତା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧଜିଲ୍ଲା ମାଳ ବ୍ଲକ ଲମ୍ବସରୀ ଗ୍ରାମପଞ୍ଚାୟତ ଗୁହିରାପାଲି ଗ୍ରାମରେ ଭାଲୁ ଆକ୍ରମଣରେ ଗୁରୁତର ଆହତହୋଇ କୌଣସି କାମ କରିବାକୁ ଅସମର୍ଥ ହୋଇପଡିଥିବା ଗ୍ରାମର ମେଟାଗୁରୁଙ୍କୁ ବନବିଭାଗ ପକ୍ଷରୁ ଏକବର୍ଷ ବିତିଯାଇଥିଲେ ମଧ୍ୟକୌଣସି ସହାୟତା ମିଳିପାରିନାହିଁ। ପ୍ରାପ୍ତସୂଚନା ଅନୁଯାୟୀ ଗତ ୩୦.୮.୨୦୨୫ରିଖ ସକାଳେ ଗୁହିରାପାଲି ଗ୍ରାମ ନିକଟରେ ମେଟାଗୁରୁ ଜଙ୍ଗଲ ଭାଲୁଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ତାଙ୍କର ହାତ ଓ କାନ୍ଧ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ସେ ସୋନପୁର ଡାକ୍ତରଖାନାରେ ୧୯ଦିନ ଧରି ଚିକିତ୍ସିତ ହୋଇଥିଲେ। ଭାଲୁଆକ୍ରମଣର କ୍ଷତ ଶୁଖିଯାଇଥିଲେ ମଧ୍ୟ ନିଜକମାର ଶାଳରେ ଲୁହାକାମ କରିପରିବାର ଚଳାଉଥିବା ମେଟାଗୁରୁକାମ କରିବାକୁ ଅସମର୍ଥ ହୋଇପଡିଥିଲେ। ଫଳରେ ତାଙ୍କପତ୍ନୀ ଓ ଦୁଇ ଛୋଟଛୋଟ ପୁଅଝିଅଙ୍କଗୁଜୁରାଣ ମେଣ୍ଟାଇବା କଷ୍ଟକର ହୋଇପଡିଛି ବାରମ୍ବାର ଗୁହାରି ସତ୍ତ୍ୱେଭାଲୁ ଆକ୍ରମଣରେ ପିଡିତ ପରିବାରକୁ ବନବିଭାଗ ପକ୍ଷରୁ କୌଣସି ସହାୟତା ପ୍ରଦାନ କରାଯାଇନାହିଁ ଯଦ୍ୱାରା ପରିବାର ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ବନ୍ୟଜନ୍ତୁଙ୍କୁ କ୍ଷତିପହଞ୍ଚାଇଲେ ସାଧାରଣଲୋକଙ୍କୁ ବନ୍ୟଜନ୍ତୁସୁରକ୍ଷା ଆଇନ୍ ଅନୁଯାୟୀ ଦଣ୍ଡବିଧାନତୁର ହେଉଥିବାବେଳେ ବନ୍ୟଜନ୍ତୁ ଆକ୍ରମଣରେ ପିଡିତ ପରିବାରକୁ ସହାୟତା ବନବିଭାଗ କେବେଦେବ ବୋଲି ଗ୍ରାମବାସୀ ପ୍ରଶ୍ନକରୁଛନ୍ତି ? ବୌଦ୍ଧ ଡିଏଫଓତୁର ପଦକ୍ଷେପ ଗ୍ରହଣକରି ପିଡିତ ପରିବାରକୁ ସହାୟତା ପ୍ରଦାନପାଇଁ ଗ୍ରାମବାସୀ ଦାବିକରିଛନ୍ତି।



# ମୃତ ଆଇନଜୀବୀଙ୍କ ପରିବାରକୁ ସଂଘ ପକ୍ଷରୁ ସହାୟତା

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ବରିଷ୍ଠ ଆଇନଜିବୀ ସ୍ୱର୍ଗତ ମିର୍ ଅଫସର୍ ଅଲ୍ଲୀ ବକ୍ସଙ୍କ ହୃଦଘାତରେ ପରଲୋକ ହୋଇଯାଇଥିବାରୁ ଓକିଲ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶୋକସଭାରେ ଜିଲ୍ଲା ଓକିଲ ସଂଘ ସଭାପତି ରବିନାରାୟଣ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଆଇନଜିବୀ ସ୍ୱର୍ଗତଃ ଶ୍ରୀ ଅଲ୍ଲୀଙ୍କ ପରିବାରକୁ ସହାୟତା ଦେବାପାଇଁ ସ୍ଥିର କରାଯାଇଥିଲା। ବୁଧବାର ଓକିଲ ସଂଘର ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ଉପସଭାପତି ନୃସିଂହ ଚରଣ ରାଉତ, ବରିଷ୍ଠ ଆଇନଜିବୀ ମୋତିୱାଲା ବକ୍ସଙ୍କ ସମେତ ଅନ୍ୟ ଆଇନଜିବୀମାନେ ସ୍ୱର୍ଗତଃ ଅଲ୍ଲୀଙ୍କ ବାସଭବନରେ ପହଁଚି ଓକିଲ ସଂଘର ମୃତ୍ୟୁକାଳୀନ ପାଣ୍ଠିରୁ ତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ପରେ ମୃତ୍ୟୁ ପ୍ରମାଣପତ୍ର ପାଇବା ପରେ ଅବଶିଷ୍ଟ ସହାୟତା ପ୍ରଦାନ କରାଯିବ ବୋଲି ଉପସଭାପତି ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

# ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ଗୁପ୍ ଚୁପ୍ ପ୍ରସ୍ତୁତ ଓ ବିକ୍ରି: ପ୍ରଶାସନ ନିରବ



**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲାରେ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଓ ବିକ୍ରିଚାଲିଛି ଗୁପଚୁପ୍। କୋରାପୁଟ ଜିଲାର ଜୟପୁର ସହର, କୋରାପୁଟ, ସିମିଳିଗୁଡା, ବୋରିଗୁମ୍ମା, କୋଟପଡ ରେ ଚାଲିଛି ଜୋର ସୋରରେ ଗୁପ୍ ଚୁପ୍ ବେପାର। ଛୋଟ ଠାରୁ ବଡ ଯାଏ ଗୁପଚୁପ ନାଁ ଶୁଣିବା ମାତ୍ରେ ପାଟିରୁ ଲାଳ ବୋହିଯାଇଥାଏ। ସେ ପୁଅ ହେଉ କି ଝିଅ, ଯୁବକ ହେଉକି ଯୁବତୀ, ପୁରୁଷ ହେଉକି ମହିଳା ପ୍ରାୟ ସମସ୍ତଙ୍କ ଗୁପଚୁପ ପ୍ରତି ଦୁର୍ବଳତା ଥାଏ। ଯେଉଁଥି ପାଇଁ କୋରାପୁଟ ଜିଲା ଜୟପୁର ସହର ତଥା ଏହାର ଆଖପାଖ ଅଞ୍ଚଳର ମୁଖ୍ୟରାସ୍ତା କଡର ରାଜ୍ୟ ବାହାରର ବହୁ ବ୍ୟବସାୟୀ ଠେଲାଗାଡିରେ ଗୁପଚୁପ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ ଗୁପଚୁପର ଚାହିଦାକୁ ଦୃଷ୍ଟିରେ ରଖି ବିଗତ କିଛି ବର୍ଷ ହେଲା ବିବାହ, ବ୍ରତ ସମେତ ଅନ୍ୟ କେତେକ ମାଙ୍ଗଳିକ କାର୍ଯ୍ୟକ୍ରମରେ ଓ ଭୋଜିଭାତରେ ବି ଗୁପଚୁପର ପସରା ପଡୁଥିବା ଦେଖିବାକୁ ମିଳୁଛି। କିନ୍ତୁ ଦୁଃଖର କଥା ଏହି ଗୁପଚୁପ ବିକ୍ରୀ ସ୍ଥାନକୁ ଥରେଗଲେ ତାକୁ ଖାଇବାକୁ ଆଉ ମନ ବଳାଇବେ ନାହିଁ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି। ଜୟପୁର ସହରର କେତେକ ମୁଖ୍ୟରାସ୍ତା ପାର୍ଶ୍ୱରେ ରାଜ୍ୟ ବାହାରର ବହୁ ଗୁପଚୁପ ବ୍ୟବସାୟୀ ସ୍ୱଚ୍ଛତା ଭୁଲି ଯାଇ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଗୁପଚୁପ ବିକ୍ରୀ କରୁଥିଲେ ମଧ୍ୟ ଯାଞ୍ଚ କରିବା ଦିଗରେ ପ୍ରଶାସନର ପଦକ୍ଷେପ ନେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି। ରାସ୍ତାକଡରେ ଠେଲାରେ ବିକ୍ରୀ ହେଉଥିବା ପାଟି ସୁଆଦିଆ ଗୁପଚୁପ ଖାଇ ବହୁ ବ୍ୟକ୍ତି ନାନା ପ୍ରକାର ପେଟରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ପାଟିକୁ ସୁଆଦ ଲାଗୁଥିବା ଗୁପଚୁପର ଆଳୁଚକଟା ଓ ଖଟା ପାଣିକୁ ବାହାର ରାଜ୍ୟର କେତେକ ବ୍ୟବସାୟୀ କେଉଁ ପରିବେଶରେ ତିଆରି କରୁଛନ୍ତି ତାହା ଯାଞ୍ଚ କରିବା ଦିଗରେ କାହାର ନଜର ପଡୁନଥିବା ଅଭିଯୋଗ ହେଉଛି। ଏହା ସତ୍ତ୍ୱେ ପାଟିକୁ ସୁଆଦ ଲାଗିବା ଓ ଜିହ୍ୱାଲାଳସାରେ ବହୁ ବ୍ୟକ୍ତି ଗୁପଚୁପ ପ୍ରତି ମୋହ ତୁଟାଇ ନପାରି ଶରୀର ପ୍ରତି କ୍ଷତିକାରକ ଥିଲେ ମଧ୍ୟ ତାହା ଖାଉଥିଲା ବେଳେ ଅସାଧୁ ଗୁପଚୁପ ବିକାଳୀ ମାଲାମାଲ ହେଉଥିବା ଚର୍ଚ୍ଚା ହେଉଛି। ଗୁପଚୁପ ଖାଇବା ପାଇଁ ବିଭିନ୍ନ ସ୍କୁଲ କଲେଜ ଠାରୁ ଆରମ୍ଭକରି ରାସ୍ତାକଡରେ ଗ୍ରାହକଙ୍କ ଭିଡ ଜମୁଛି। ଦୈନିକ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଗୁପଚୁପ ବ୍ୟବସାୟ ଜୟପୁର ଅଞ୍ଚଳରେ ହେଉଥିବା ଆକଳନ କରାଯାଉଛି। ଓଡିଆ ବ୍ୟବସାୟୀଙ୍କ ଅପେକ୍ଷା ରାଜ୍ୟ ବାହାରର କେତେକ ବ୍ୟବସାୟୀ ଜୟପୁରରେ ଗୁପଚୁପ ବେପାର କରିଆସୁଥିବା ଦେଖିବାକୁ ମିଳୁଛି। ବିନା ଫୁଡ ଲାଇସେନ୍ସରେ ଗୁପଚୁପ ବ୍ୟବାସାୟ କରୁଥିବା ବାହାର ରାଜ୍ୟର ବ୍ୟବସାୟୀମାନଙ୍କ ଉପରେ ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ଲଗାନଯିବା ଅନ୍ତରାଳରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ। ବାସ୍ତବିକ ଭାବେ ରାସ୍ତାକଡରେ ବିକ୍ରୀ ହେଉଥିବା ଗୁପଚୁପ ଓ ଖଟାପାଣି ଗୁଡିକ ସ୍ୱାସ୍ଥ୍ୟ ପ୍ରତି ଉପଯୋଗୀ କି ନାହିଁ ତାହା ଯାଞ୍ଚ କରିବା ଜରୁରୀ ହୋଇପଡିଛି। ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପ୍ରସ୍ତୁତ ଓ ବିକ୍ରୀ ହେଉଥିବା ଗୁପଚୁପର ମାନ ଯାଞ୍ଚ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦୃଢ ଦାବି ହେଉଛି।

# ଉମରକୋଟରେ ନୂତନ ପୂଜା କମିଟି ଗଠିତ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଉମରକୋଟ ପୌର ପରିଷଦର ୱାର୍ଡ ନମ୍ବର ୯ ସନ୍ତୋଷୀ ନଗରର ଦୂର୍ଗା ଶକ୍ତି ପୀଠ ଟ୍ରଷ୍ଟ ପକ୍ଷରୁ ୧୦ ତମ ଦଶହରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲଳିତ ସେଠି ନାଗେଶ ପଟ୍ଟନାୟକ ଓ ସରୋଜ ମହାନ୍ତିଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦଶହରା ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପ୍ରଥମେ ୨୦୨୫ ମସିହାର ଦଶହରା ପୂଜାର ସମସ୍ତ ହିସାବର ବିବରଣୀ ପାଠ କରାଯାଇଥିଲା। ପରେ ଚଳିତ ବର୍ଷ ମଧ୍ୟ ମହା ଆଡ଼ମ୍ବର ସହ ପାଳନ କରାଯିବା ପାଇଁ ନୂତନ ପୂଜା କମିଟି ଗଠିତ ହୋଇଥିଲା। ସର୍ବ କମିଟିର ସହମତ ଏବଂ ଆଲୋଚନା ରେ ପ୍ରତିଟି କାର୍ଯ୍ୟର ନିଷ୍ପତ୍ତି ନିଆଯାଏ। କୌଣସି ସଭାପତି ଗଠନ କରାଯାଇ ନାହିଁ। କୋଷାଧ୍ୟକ୍ଷ ଭାବରେ ୩ ଜଣଙ୍କୁ ମନୋନୀତ କରାଗଲା। ସରୋଜ ମହାନ୍ତି / ମୋହିତ ଏବଂ ଶୁଭମ ଉମରକୋଟ ଦଶହରା ପର୍ବ ଜିଲ୍ଲା ପାଇଁ ଏକ ନିଆରା ପର୍ବ ହୋଇଥାଏ। ଏହି ଅଞ୍ଚଳର ରିତି ନିତି ରେ ପୂଜା ହୋଇଥାଏ। ମହିଳା ମାନେ ମାଁ ଦୁର୍ଗାଙ୍କ ସହ ସିନ୍ଦୂର ଖେଳ ଖେଳିଥାନ୍ତି। ଏହି ବୈଠକରେ ଚଳିତ ବର୍ଷ ଦୁର୍ଗା ପୂଜା କୁ ଅଧିକ ରୁ ଅଧିକ ଯାକଯକମ ରେ ପାଳନ କରିବା ସହ ଶାନ୍ତି ଶୃଙ୍ଖଳା ରେ ପୂଜା ପାରିବ ସେଥିପାଇଁ କମିଟି ପକ୍ଷରୁ ନିଷ୍ପତି ନିଆଯାଇଥିଲା। ମହାଷ୍ଟମୀ ଦିନ ଅନ୍ନ ପ୍ରସାଦ ଭୋଗ ଦଶହରା ଦିନ ବାହାରୁ ଆସୁଥିବା ଗ୍ରାମାଞ୍ଚଳ ଓ ଗାଁର ଶତାଧିକ ଶ୍ରଦ୍ଧାଳୁଙ୍କ ପାଇଁ ମଧ୍ୟ ଖେଚୁଡ଼ି ଭୋଗର ଆୟାଯୋନ କରାଯିବ। ଶାନ୍ତି ସୃଙ୍ଖଳାରେ ପୂଜା ସମ୍ପର୍ଣ୍ଣ କରାଯିବ ଏ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ଏବଂ ବୈଠକ ରେ ସନ୍ତୋଷୀ ନଗର ପୂଜା କମିଟି ର ସମସ୍ତ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ। ରବିବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି।

ସମ୍ପାଦକୀୟ

32 YEARS

ସମ୍ବାଦ କଳିକା

# ଜେନ୍-ଜି'ଙ୍କ ଅବସର ନିଶା

ଚାକିରିରୁ ଅବସର ପାଇଁ ବୟସ ଧାର୍ଯ୍ୟ ହୋଇଛି ୫୮ ବର୍ଷ ଯାହା କେତେକ ସ୍ଥଳରେ ବଢି ୬୦ ଯାଏ ଯାଇଛି। ମାତ୍ର ଆଜିର ଜେନ-ଜି ଅଳ୍ପ କେଇ ବର୍ଷ କାମ କରି ବାକି ଜୀବନକୁ ଉପଭୋଗ କରି ଆନନ୍ଦଦାୟକ ଏବଂ ଆରାମଦାୟକ ଜୀବନ ବିତାଇବାକୁ ଚାହୁଁଛନ୍ତି। ତାଙ୍କ ମତରେ ସେମାନେ କେବଳ କାମ କରିବା ପାଇଁ ବଞ୍ଚୁନାହାନ୍ତି, ବରଂ ଜୀବନକୁ ନିଜ ମନ ମୁତାବକ ବଞ୍ଚିବା ପାଇଁ ଚିନ୍ତା କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଆଜିର ଯୁବପିଢ଼ି ଅର୍ଥାତ୍ 'ଜେନ୍-ଜି' ମାତ୍ର ୨୯ ବର୍ଷ ବୟସରୁ ହିଁ ଅବସର ପାଇଁ ଟଙ୍କା ସଞ୍ଚୟ ଏବଂ ନିବେଶ କରିବା ଆରମ୍ଭ କରିଦେଉଛନ୍ତି। ଏହା ବ୍ୟତୀତ ୭୦ ପ୍ରତିଶତ ସହରୀ ଭାରତୀୟ ଆର୍ଥିକ ସ୍ୱାଧୀନତା ପାଇ ନିର୍ଦ୍ଧାରିତ ବୟସ ପୂର୍ବରୁ କାମରୁ ଅବସର ନେବାକୁ ଚାହୁଁଛନ୍ତି। କ୍ଷମତାଶାଳୀ ଜୀବନ ବୀମା କମ୍ପାନୀ 'ଆକ୍ସିସ୍ ମ୍ୟାକ୍ସ ଲାଇଫ୍'ର IRIS ୬.୦ ରିପୋର୍ଟରୁ ଏଭଳି କିଛି ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଜୁଲାଇ-ଅଗଷ୍ଟ ୨୦୨୬ ମଧ୍ୟରେ ୪୦ଟି ସହରର ୪,୧୩୪ଟି ପରିବାରର ୨୫ରୁ ୬୫ ବର୍ଷ ବୟସ୍କ କାର୍ଯ୍ୟରତ ବ୍ୟକ୍ତିଙ୍କ ମଧ୍ୟରେ ଏହି ସର୍ଭେ କରାଯାଇଥିଲା। ସର୍ଭେରେ ସାମିଲ ଥିବା ୭୦ ପ୍ରତିଶତ ଲୋକ କହିଛନ୍ତି ଯେ, ଯଦି ସେମାନଙ୍କର ଆର୍ଥିକ ଆବଶ୍ୟକତା ପୂରା ହୋଇଯାଏ, ତେବେ ସେମାନେ ନିର୍ଦ୍ଧାରିତ ବୟସ ପୂର୍ବରୁ କାମରୁ ଅବସର ନେବାକୁ ପସନ୍ଦ କରିବେ। ଏଥିମଧ୍ୟରୁ ପ୍ରାୟ ଅଧା ଲୋକ ୫୦ ବର୍ଷ ବୟସ ପୂର୍ବରୁ "FIRE' (Financial Independence, Retire Early) ଅର୍ଥାତ୍ ଆର୍ଥିକ ସ୍ୱାଧୀନତା ଏବଂ ଶୀଘ୍ର ଅବସର ହାସଲ କରିବାକୁ ଚାହୁଁଛନ୍ତି। ପ୍ରତି ଦୁଇଜଣ ସହରୀ ଭାରତୀୟଙ୍କ ମଧ୍ୟରୁ ଜଣେ ମତ ଦେଇଛନ୍ତି ଯେ, ପ୍ରଥମ ଦରମା ମିଳିବା ମାତ୍ରେ ଅବସରକାଳୀନ ଯୋଜନା ଆରମ୍ଭ କରିଦେବା ଉଚିତ୍। ଏହି କ୍ରମରେ ୬୨ ପ୍ରତିଶତ ଜେନ୍-ଜି ଯୁବକଯୁବତୀ ବର୍ତ୍ତମାନରୁ ହିଁ ଅବସର ପାଇଁ ନିବେଶ ଆରମ୍ଭ କରିସାରିଛନ୍ତି। ଅବସର ପାଇଁ ଯୋଜନା କରିବା ଗୋଟିଏ କଥା, କିନ୍ତୁ ଆବଶ୍ୟକୀୟ ଟଙ୍କା ଜମା କରିବା ଆଉ ଗୋଟେ କଥା। ୬୧ ପ୍ରତିଶତ ଲୋକ ଜାଣିଛନ୍ତି ଯେ ଅବସର ପରେ ଜୀବନ ବିତାଇବା ପାଇଁ ସେମାନଙ୍କୁ କେତେ ପରିମାଣର ଟଙ୍କା ଦରକାର, କିନ୍ତୁ ମାତ୍ର ୧୧ ପ୍ରତିଶତ ଲୋକଙ୍କର ଆତ୍ମବିଶ୍ୱାସ ଅଛି ଯେ ସେମାନଙ୍କର ଜମା ପାଣ୍ଠି ସାରା ଜୀବନ ଚାଲିବ। ବର୍ତ୍ତମାନର ମହଙ୍ଗା ଯୁଗରେ କେବଳ ୧ କୋଟି ଟଙ୍କାକୁ ଅବସର ପରେ ପର୍ଯ୍ୟାପ୍ତ ବୋଲି ଭାବୁଥିବା ଲୋକଙ୍କ ସଂଖ୍ୟା ୨୦୨୫ ମସିହାରେ ୭୭ ପ୍ରତିଶତ ଥିବାବେଳେ ୨୦୨୬ରେ ତାହା ହ୍ରାସ ପାଇ ୭୦ ପ୍ରତିଶତକୁ ଖସିଆସିଛି। ଅର୍ଥାତ୍ ଲୋକେ ବୁଝିପାରୁଛନ୍ତି ଯେ, ଭବିଷ୍ୟତରେ ଆହୁରି ଅଧିକ ଟଙ୍କାର ଆବଶ୍ୟକତା ପଡ଼ିବ। ପୁରୁଣା ପିଢ଼ିର ଅର୍ଥାତ୍ 'ଜେନ୍ ଏକ୍ସ' ର ୯୧ ପ୍ରତିଶତ ଲୋକ ଆଜି ଅନୁତାପ କରୁଛନ୍ତି ଯେ, ସେମାନେ ଯୁଦ୍ଧକାଳୀନ ଭିତ୍ତିରେ କାହିଁକି ଆଗରୁ ଅବସର ନିବେଶ ଆରମ୍ଭ କରିନଥିଲେ। ଅବସର ଯୋଜନାରେ କେବଳ ଆର୍ଥିକ ସୁରକ୍ଷା ନୁହେଁ, ବରଂ ସ୍ୱାସ୍ଥ୍ୟ ଓ ପରିବାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ୭୫ ପ୍ରତିଶତ ଲୋକ ଆଶା କରନ୍ତି ଯେ ଅବସର ପରେ ମଧ୍ୟ ସେମାନେ ସୁସ୍ଥ ଏବଂ ଫିଟ୍ ରହିବେ, ଯାହା ପାଇଁ ବହୁସଂଖ୍ୟକ ଯୁବକଯୁବତୀ ନିୟମିତ ବ୍ୟାୟାମ ଓ ସ୍ୱାସ୍ଥ୍ୟ ଟ୍ରାକିଂ ଉପରେ ଧ୍ୟାନ ଦେଉଛନ୍ତି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ସନାତନ

ହେ ଶୁଦ୍ଧିଜନ ସତ୍ୟ ହିଁ ସନାତନ,ସତ୍ୟ ହିଁ ଧର୍ମ,ସତ୍ୟ ହିଁ ଶିଷ୍ୟର ଭୂଷଣ, ସତ୍ୟ ହିଁ ଭକ୍ତର ଭକ୍ତି, ସତ୍ୟ ହିଁ ଅହିଂସା ରୂପକ ଅଗ୍ନି। ସତ୍ୟ ହିଁ ଶାଶ୍ୱତ। ସତ୍ୟ ହିଁ ସାହିତ୍ୟ, ସତ୍ୟ ହିଁ ନାରାୟଣ। ସତ୍ୟ ହିଁ ଧ୍ରୁବ। ସତ୍ୟ ହିଁ ବିବେକ, ସତ ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ, ସତ୍ୟ ହିଁ ଗୀତା, ଭାଗବତ, ବେଦ, ପୁରାଣକୁ ସ୍ୱୀକୃତି ଦେଇଛି। ସତ୍ୟ ହିଁ ଚୈତନ୍ୟ ତେଣୁ ସବୁବେଳେ କୁହେ ଯାହାର ନାହିଁ ଆୟତନ,ତାହାର ନାମ ସନାତନ। ତେଣୁ ସତ୍ୟର ଆୟତନ ନାହିଁ ସତ୍ୟ ହିଁ ଗୁରୁ, ସତ୍ୟ ହିଁ ପ୍ରେମ,ସତ୍ୟହିଁ ସକଳ ସୃଷ୍ଟିର ରହସ୍ୟ,ତେଣୁ ହେ ଭକ୍ତ ହେ ଶିଷ୍ୟ ସତ୍ୟ ହିଁ ସାର, ସତ୍ୟ ହିଁ ନିର୍ଜୀବ କୁ ସଜୀବ କରିଥାଏ। ସତ୍ୟ ହିଁ ମାନବ ସମାଜର ଯେଉଁ ଦିନ ମୂଳମନ୍ତ୍ର ହେବ,ସେହିଦିନ ଜାଣିବ ଯେ ରାମରାଜ୍ୟ ଜଗତରେ ବିସ୍ତାର କରିଛି। ସତ୍ୟଯୁଗ ପ୍ରବେଶ କରିଛି। ସତ୍ୟ ହିଁ ଆଲୋକ, ସତ୍ୟର ଗତିକୁ ଯେ ଲକ୍ଷ୍ୟ ରଖି ଚାଲେ ସେ ହିଁ ଚତୁରା ସେ ହିଂ ଈଶ୍ୱରଙ୍କର ଭାଷାକୁ ବୁଝିପାରେ ସେହିଁ ଆତ୍ମାର ତତ୍ତ୍ୱକୁ ଉପଲବ୍ଧ କରିପାରେ। ସେହିଁ ସୃଷ୍ଟିର ନିର୍ଯ୍ୟାସ ହୋଇଥାଏ। ସେହିଁ ବିଶ୍ୱର ଅମୃତ ତେଣୁ ଅମୃତର ଅନ୍ୱେଷଣରେ ଯେ ଯାଇଛି ସେହିଁ ସୃଷ୍ଟିର ରହସ୍ୟକୁ ବୁଝିପାରିଛି। ତେଣୁ ହେ ଭକ୍ତ ସତ୍ୟକୁ ଆଧାର କରି ମାନବ ସମାଜର କଲ୍ୟାଣ କରିଚାଲିଲେ ନିଶ୍ଚୟ ବିଶ୍ୱ କଳି କବଳରୁ ଉଦ୍ଧାର ପାଇପାରିବ। ସବୁକ୍ଷେତ୍ରରେ ସବୁ ମୂହୂର୍ତ୍ତରେ ସତ୍ୟକୁ ଜାବୁଡି ଧର ନିଶ୍ଚୟ ତୁମେ ଅମର ହୋଇଯିବ। ଯିଏ ଅସତ୍ୟକୁ ଅଧାର କରିଥାଏ ସେ ବିଷୟାରୂପକ ବିଷକୁ ଗ୍ରାସ କରି ଜଗତରୁ ନିଶ୍ଚିନ୍ନ ହୋଇଯାଏ। ଆଉ ଯେ ସତ୍ୟକୁ ଆଧାର କରି ଚାଲେ ସେ ଅମୃତକୁ ଭକ୍ଷଣ କରି ଅମର ହୋଇଯାଏ ଏହି ବିଶ୍ୱରେ। ହରି ଓଁ।

## ସ୍ୱଦେଶୀ ଏଆଇ ବିପ୍ଳବରେ ଓଡ଼ିଶା

# ଆଇଆଇଆଇଟି ଭୁବନେଶ୍ୱରରୁ ସର୍ବମ୍ ଏଆଇ (Sarvam AI) ଓ ସର୍ନ (CERN) ପର୍ଯ୍ୟନ୍ତ ପ୍ରତିଭାର ବିଶ୍ୱଯାତ୍ରା



ଡ. ପ୍ରଦୀପ କୁମାର ରାଉତ
ସ୍ୱତନ୍ତ୍ର ଶାସନ ସଚିବ
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ

କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବେ କେବଳ ଏକ ନୂତନ ପ୍ରଯୁକ୍ତି ନୁହେଁ; ଏହା ବିଶ୍ୱ ଅର୍ଥନୀତି, ଶିକ୍ଷା, ପ୍ରଶାସନ, ସ୍ୱାସ୍ଥ୍ୟସେବା, ବ୍ୟବସାୟ, ଗବେଷଣା ଏବଂ ଦୈନନ୍ଦିନ ଜୀବନକୁ ନୂଆ ରୂପ ଦେଉଥିବା ଏକ ରୂପାନ୍ତରକାରୀ ଶକ୍ତି। ମଣିଷ କିପରି କାମ କରୁଛି, ଶିଖୁଛି, ଯୋଗାଯୋଗ ତଥା ଭାବ ବିନିମୟ କରୁଛି-ସବୁକିଛି ଏଆଇ ପ୍ରଭାବରେ ଦ୍ରୁତଗତିରେ ବଦଳିଯାଉଛି। ଏହି ପରିବର୍ତ୍ତନ ମଧ୍ୟରେ ଭାରତ ସମ୍ମୁଖରେ ଏକ ମୌଳିକ ପ୍ରଶ୍ନ ଉଭା ହୋଇଛି- କ'ଣ ଆମେ କେବଳ ବିଦେଶରେ ବିକଶିତ ଏଆଇ ପ୍ରଯୁକ୍ତିର ବ୍ୟବହାରକାରୀ ହୋଇ ରହିବା, ନା ନିଜ ଦେଶର ଆବଶ୍ୟକତା ଅନୁସାରେ ସ୍ୱଦେଶୀ ଏଆଇ ମଡେଲ ନିର୍ମାଣ କରିବା ? ଏହା କେବଳ ପ୍ରଯୁକ୍ତିଗତ ମର୍ଯ୍ୟାଦାର ପ୍ରଶ୍ନ ନୁହେଁ। ଏହା ସହିତ ଦେଶର ପ୍ରଯୁକ୍ତିଗତ ସାର୍ବଭୌମତ୍ୱ, ତଥ୍ୟ ସୁରକ୍ଷା ଏବଂ ଜାତୀୟ ସୁରକ୍ଷା ଜଡ଼ିତ। କୌଣସି ଦେଶ ଯଦି ବିଦେଶରେ ନିର୍ମିତ ଓ ନିୟନ୍ତ୍ରିତ ଏଆଇ ବ୍ୟବସ୍ଥା ଉପରେ ଅତ୍ୟଧିକ ନିର୍ଭରଶୀଳ ହୁଏ, ତେବେ ଭବିଷ୍ୟତରେ ଅନେକ ତଥ୍ୟ ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ। ଏଆଇ ମଡେଲ୍, କମ୍ପ୍ୟୁଟିଂ ଭିତ୍ତିଭୂମି, ମୂଲ୍ୟ ନିର୍ଦ୍ଧାରଣ, ବ୍ୟବହାର ନୀତି ଏବଂ ପ୍ରଯୁକ୍ତିଗତ ପ୍ରାଥମିକତା ଅନ୍ୟ ଦେଶ ବା ବିଦେଶୀ କମ୍ପାନୀଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇପାରେ। ଶାସନ, ପ୍ରତିରକ୍ଷା, ଅର୍ଥବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଏବଂ ଅତ୍ୟାବଶ୍ୟକ ଭିତ୍ତିଭୂମି ଭଳି ସମ୍ବେଦନଶୀଳ କ୍ଷେତ୍ରରେ ଏଆଇର ବ୍ୟବହାର ବଢୁଥିବାରୁ ନିଜସ୍ୱ ପ୍ରଯୁକ୍ତିଗତ କ୍ଷମତା ଗଠନ ଭାରତ ପାଇଁ ଅତ୍ୟନ୍ତ ଜରୁରି ହୋଇଛି। ତେଣୁ ଭାରତ କେବଳ ଏଆଇର ଏକ ବୃହତ୍ ବଜାର ନୁହେଁ, ବରଂ ଆମକୁ ଏହାର ଉଦ୍ଭାବକ ଏବଂ ନିର୍ମାତା ମଧ୍ୟ ହେବାକୁ ପଡ଼ିବ। ଭାରତ ପାଇଁ ଭାରତୀୟ ଏଆଇ : ଭାରତର ଭାଷାଗତ ଓ ସାମାଜିକ ବିବିଧତା ବିଶ୍ୱରେ ଅନନ୍ୟ। ଦେଶରେ ଶହ- ଶହ ଭାଷା ଓ ଉପଭାଷା ପ୍ରଚଳିତ। ଲୋକଙ୍କ ଜୀବନଶୈଳୀ, ଆବଶ୍ୟକତା ଏବଂ ସାମାଜିକ ପରିପ୍ରେକ୍ଷୀ ମଧ୍ୟ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳରେ ଭିନ୍ନ। ତେଣୁ ଭାରତକୁ ଏପରି ଏଆଇ ବ୍ୟବସ୍ଥା ଆବଶ୍ୟକ, ଯାହା ଭାରତୀୟ ଭାଷା, ସ୍ୱର, ସଂସ୍କୃତି ଓ ସ୍ଥାନୀୟ ପରିପ୍ରେକ୍ଷୀକୁ ବୁଝିପାରିବ। ଏହି ଦିଗରେ 'ସର୍ବମ୍ ଏଆଇ'ର ପ୍ରୟାସ ଅନନ୍ୟ। ସଂସ୍ଥାଟି ଭାରତ ପାଇଁ ନିଜସ୍ୱ ଫାଉଣ୍ଡେସନ୍ ଏଆଇ ମଡେଲ୍ ଏବଂ ଏକ ବ୍ୟାପକ ପ୍ରଯୁକ୍ତି ବ୍ୟବସ୍ଥା ନିର୍ମାଣ କରୁଛି। ଏଥିରେ ଭାଷା, ବାକ୍ ପ୍ରଯୁକ୍ତି, ଅନୁବାଦ, କଣ୍ଠସ୍ୱର, ଭିଜନ୍ ଏବଂ ବିଭିନ୍ନ ଏଆଇ ପ୍ରୟୋଗ ସାମିଲ ରହିଛି।


ଏହାର ଉଦ୍ଦେଶ୍ୟ କେବଳ ବିଦେଶୀ ପ୍ରଯୁକ୍ତିକୁ ଭାରତୀୟ ପରିବେଶ ସହିତ ଖାପଖୁଆଇବା ନୁହେଁ। ଭାରତର ନିଜସ୍ୱ ଭାଷାଗତ ଓ ସାମାଜିକ ବାସ୍ତବତାକୁ ଆଧାର କରି ଉନ୍ନତ ଏଆଇ ବ୍ୟବସ୍ଥା ତିଆରି କରିବା ଏହାର ଲକ୍ଷ୍ୟ। ଭାରତ ସରକାରଙ୍କ 'ଇଣ୍ଡିଆଏଆଇ ମିଶନ୍' ଅଧୀନରେ ସ୍ୱଦେଶୀ ଫାଉଣ୍ଡେସନ୍ ଏଆଇ ମଡେଲ୍ ବିକଶିତ କରିବା ପାଇଁ ସର୍ବମ୍ ଏଆଇର ଚୟନ ଦେଶର ପ୍ରଯୁକ୍ତିଗତ ଆତ୍ମନିର୍ଭରତା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ। ସର୍ବମ୍ ଏଆଇ (Sarvam AI)ରେ ଓଡ଼ିଶାର ପ୍ରତିଭା : ଓଡ଼ିଶା ପାଇଁ ଏହି ଯାତ୍ରାର ବିଶେଷ ଗୁରୁତ୍ୱ ରହିଛି। ଏହାର ପ୍ରତିଷ୍ଠାତା ସଦସ୍ୟ ମଧ୍ୟରୁ ଶ୍ରୀ ପ୍ରତ୍ୟୁଷ କୁମାର ଦେଶର ଏହି ଉଚ୍ଚାଭିଳାଷୀ ଏଆଇ ପ୍ରକଳ୍ପ ସହିତ ଭୁବନେଶ୍ୱରସ୍ଥିତ ଇଣ୍ଟରନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି— ଆଇଆଇଆଇଟି ଭୁବନେଶ୍ୱରର ଏକ ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଅନୁଷ୍ଠାନର ଅନେକ ପ୍ରାକ୍ତନ ଛାତ୍ର ସର୍ବମ୍ ଏଆଇରେ ଇଞ୍ଜିନିୟର, ଗବେଷକ ଏବଂ ପ୍ରଯୁକ୍ତି ନେତୃତ୍ୱ ଭାବେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ କାର୍ଯ୍ୟକ୍ଷେତ୍ର ମେସିନ୍ ଲର୍ଣ୍ଣିଂ ଗବେଷଣା, ସ୍ପିଚ୍ ଓ ଜେନେରେଟିଭ୍ ଅଡିଓ, ଉତ୍ପାଦ ରଣନୀତି, ସଫ୍ଟୱେର ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତି ନିୟୋଜନ ପର୍ଯ୍ୟନ୍ତ ବ୍ୟାପ୍ତ। ସେମାନଙ୍କ ମଧ୍ୟରେ ହିମାଂଶୁ ଦିଦୱାନିଆ ସଂସ୍ଥାର ଜଣେ ପ୍ରାଥମିକ ପ୍ରତିଷ୍ଠାତା ସଦସ୍ୟ ତଥା ଇଞ୍ଜିନିୟର ଏବଂ ସ୍ପିଚ୍ ଓ ଜେନେରେଟିଭ୍ ଅଡିଓ ବିଭାଗର ପ୍ରମୁଖ ମେସିନ୍ ଲର୍ଣ୍ଣିଂ ଗବେଷକ। ଅରିଜିତ ସତପଥୀ ଏଆଇ କଣ୍ଟେଣ୍ଟ ଓ ମିଡିଆ ପାଇଁ ପ୍ରଡକ୍ଟ ଏବଂ ଷ୍ଟ୍ରାଟେଜି ମୁଖ୍ୟ ଭାବେ କାମ କରୁଛନ୍ତି। ଏହା ସହିତ ଆଇଆଇଆଇଟି ଭୁବନେଶ୍ୱରର ନୂତନ ପିଢ଼ିର ଅନେକ ସ୍ନାତକ ସଫ୍ଟୱେର ଇଞ୍ଜିନିୟରିଂ ଏବଂ ଅଗ୍ରଣୀ ପ୍ରଯୁକ୍ତି ନିୟୋଜନ ଭୂମିକାରେ ସଂସ୍ଥା ସହିତ ଯୋଡ଼ି ହୋଇଛନ୍ତି। ଏହି ଯୁବ ପ୍ରଯୁକ୍ତିବିତ୍‌ମାନେ କେବଳ ଏଆଇର ବ୍ୟବହାର କରୁନାହାନ୍ତି; ଦେଶର କୋଟିକୋଟି ଲୋକ ନିଜ ଭାଷା ଓ ନିଜ ଢାଞ୍ଚାରେ ଭବିଷ୍ୟତରେ କିପରି ଏଆଇ ସହିତ ଯୋଗାଯୋଗ କରିବେ, ସେଥିପାଇଁ ଆବଶ୍ୟକ ଜ୍ଞାନକୌଶଳ ନିର୍ମାଣ କରୁଛନ୍ତି। ଏହା ଓଡ଼ିଶାର ଏକ ଶିକ୍ଷାନୁଷ୍ଠାନକୁ ଭାରତର ସ୍ୱଦେଶୀ ଏଆଇ ବିପ୍ଳବର କେନ୍ଦ୍ରସ୍ଥଳ ସହିତ ସିଧାସଳଖ ଯୋଡ଼ିଛି। ଉଦ୍ୟୋଗରୁ ମୌଳିକ ବିଜ୍ଞାନ ପର୍ଯ୍ୟନ୍ତ : ଆଇଆଇଆଇଟି ଭୁବନେଶ୍ୱରର ଅବଦାନ ସର୍ବମ୍ ଏଆଇ ମଧ୍ୟରେ ସୀମିତ ନୁହେଁ। ଅନୁଷ୍ଠାନର ପ୍ରାକ୍ତନ ଛାତ୍ର ଆଶିଷ କୁମାର ସାହୁ ଏଆଇଭିତ୍ତିକ ନିଯୁକ୍ତି ପ୍ରଯୁକ୍ତି କମ୍ପାନୀ 'ପରମ୍.ଏଆଇ' (Param AI)ର ସହପ୍ରତିଷ୍ଠାତା ଓ ମୁଖ୍ୟ ବୈଷୟିକ ଅଧିକାରୀ। ମାରୁତି ସୁଜୁକି ଇଣ୍ଡିଆ, ଇଣ୍ଡିଗୋ ଏବଂ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ୍ ଭଳି ପ୍ରମୁଖ ସଂସ୍ଥା ଏହାର ପ୍ଲାଟ୍‌ଫର୍ମ ବ୍ୟବହାର କରିଛନ୍ତି। ଭୁବନେଶ୍ୱରର ଏକ ଶିକ୍ଷାନୁଷ୍ଠାନରୁ ବାହାରି ଏକ ଅଗ୍ରଣୀ ଏଆଇ କମ୍ପାନୀ ଗଢ଼ିବା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଯୁବ ଉଦ୍ୟୋଗୀମାନଙ୍କ ପାଇଁ ପ୍ରେରଣାଦାୟକ। ଏହି ଅନୁଷ୍ଠାନର ପ୍ରତିଭା ବିଶ୍ୱର ଅଗ୍ରଣୀ ବୈଜ୍ଞାନିକ ଗବେଷଣା କେନ୍ଦ୍ର 'ସର୍ନ'(Cern) ପର୍ଯ୍ୟନ୍ତ ମଧ୍ୟ ପହଞ୍ଚିଛି। ବିଶ୍ୱର ସର୍ବବୃହତ୍ କଣିକା ତ୍ୱରକ 'ଲାର୍ଜ ହାଡ୍ରନ୍ କଲାଇଡର' ଥିବା ସର୍ନରେ ବୈଜ୍ଞାନିକମାନେ ପଦାର୍ଥ ଓ ବ୍ରହ୍ମାଣ୍ଡର ମୌଳିକ ସ୍ୱରୂପ ବୁଝିବା ପାଇଁ ଗବେଷଣା କରୁଛନ୍ତି।

ଆ।ଇ।ଆ।ଇ।ଆ।ଇ।ଟି ଭୁବନେଶ୍ୱରର ପ୍ରାକ୍ତନ ଛାତ୍ର କ୍ରିଷ୍ଣନ୍ ଆର. 'ସ୍ପାର୍କମନିଟର'(Spark Monitor)ର ବିକାଶରେ ଯୋଗଦାନ ଦେଇଥିଲେ, ଯାହା ପରବର୍ତ୍ତୀ ସମୟରେ ସର୍ନର ବୈଜ୍ଞାନିକ କମ୍ପ୍ୟୁଟିଂ ବ୍ୟବସ୍ଥାର ଅଂଶ ହୋଇଥିଲା। ସେହିପରି ଭାବେ, ଅନ୍ୟଜଣେ ପ୍ରାକ୍ତନ ଛାତ୍ର ସଞ୍ଜୀବନ ସେନଗୁପ୍ତ ଉଚ୍ଚଶକ୍ତି ପଦାର୍ଥବିଜ୍ଞାନ ଗବେଷଣାରେ ବ୍ୟବହୃତ ମେସିନ୍ ଲର୍ଣ୍ଣିଂ ପ୍ରଯୁକ୍ତିରେ ଅବଦାନ ରଖିଛନ୍ତି। ସୂଚନା ପ୍ରଯୁକ୍ତିରେ ଅର୍ଜିତ ଜ୍ଞାନ କିପରି ମୌଳିକ ବିଜ୍ଞାନର ଜଟିଳତମ ପ୍ରଶ୍ନର ଉତ୍ତର ଖୋଜିବାରେ ସହାୟକ ହୋଇପାରେ, ଏହା ତାହାର ଉଜ୍ଜ୍ୱଳ ଉଦାହରଣ।

ଆଗାମୀ ଦିନର ସମ୍ଭାବନା: ସର୍ବମ୍‌ରେ ସ୍ୱଦେଶୀ ଏଆଇ ନିର୍ମାଣ, ପରମ୍ ଏଆଇରେ ଉଦ୍ୟୋଗଭିତ୍ତିକ ପ୍ରୟୋଗ ଏବଂ ସର୍ନ(Cern)ରେ ବିଶ୍ୱସ୍ତରୀୟ ବୈଜ୍ଞାନିକ ଗବେଷଣା—ଏସବୁ ସଫଳତାକୁ ଏକାଠି ଦେଖିଲେ ଆମ ରାଜ୍ୟର ଆଇଆଇଆଇଟି ଭୁବନେଶ୍ୱରର ପ୍ରତିଭାର ବ୍ୟାପକତା ସ୍ପଷ୍ଟ ହୁଏ। ଅନୁଷ୍ଠାନର ପ୍ରାକ୍ତନ ଛାତ୍ରଛାତ୍ରୀ ଶିଳ୍ପ, ଗବେଷଣା, ଉଦ୍ୟୋଗ ଏବଂ ବିଭିନ୍ନ ଦେଶ ମଧ୍ୟରେ ଜ୍ଞାନର ସେତୁ ନିର୍ମାଣ କରୁଛନ୍ତି। ଏହା କେବଳ ଭଲ ନିଯୁକ୍ତି ବା କିଛି ବ୍ୟକ୍ତିଙ୍କ ସଫଳ କ୍ୟାରିୟରର କାହାଣୀ ନୁହେଁ। ଓଡ଼ିଶାରେ ଅର୍ଜିତ ଶିକ୍ଷା ଓ ଦକ୍ଷତା ଜାତୀୟ ପ୍ରଯୁକ୍ତି ଅଭିଯାନ ଏବଂ ବିଶ୍ୱସ୍ତରୀୟ ଗବେଷଣାରେ କିପରି ପ୍ରଭାବ ପକାଇପାରେ, ଏହା ତାହାର ପ୍ରମାଣ। ଭାରତ ପ୍ରଯୁକ୍ତିଗତ ଆତ୍ମନିର୍ଭରତା ଦିଗରେ ଆଗେଇଯାଉଥିବା ସମୟରେ ଓଡ଼ିଶାର ପ୍ରତିଭା ସ୍ୱଦେଶୀ ଏଆଇ ନିର୍ମାଣରେ ଅଂଶଗ୍ରହଣ କରିବା ସମଗ୍ର ରାଜ୍ୟ ପାଇଁ ଗର୍ବର ବିଷୟ। ସରକାରଙ୍କ ଉପଯୋଗୀ ପଦକ୍ଷେପ ଏହାକୁ ଅଧିକ ସଶକ୍ତ କରୁଛି ଓ ଅଧ୍ୟାପକ ନିଯୁକ୍ତି, ଉନ୍ନତ ଗବେଷଣା ଭିତ୍ତିଭୂମି, ଶିଳ୍ପ ସହଯୋଗ, ଷ୍ଟାର୍ଟଅପ୍ ପରିବେଶ ଏବଂ ଉଦ୍ୟୋଗିତା ପାଇଁ ଆବଶ୍ୟକ ସୁଯୋଗ ସୃଷ୍ଟି ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଭାରତର ପ୍ରଯୁକ୍ତିଗତ ଭବିଷ୍ୟତ କେବଳ ବିଦେଶରୁ ଆମଦାନି ହେବାକୁ ଥିବା କୌଣସି ପ୍ରସ୍ତୁତ ବ୍ୟବସ୍ଥା ନୁହେଁ। ଦେଶର ନିଜସ୍ୱ ଗବେଷକ, ଇଞ୍ଜିନିୟର, ଉଦ୍ୟୋଗୀ ଓ ଶିକ୍ଷାନୁଷ୍ଠାନ ଏହାର ପରିକଳ୍ପନା କରିପାରିବେ, ନିର୍ମାଣ କରିପାରିବେ ଏବଂ ବିଶ୍ୱ ପାଇଁ ନୂତନ ପ୍ରଯୁକ୍ତିଗତ ଦିଶା ଦେଇପାରିବ। ଏହି ଯାତ୍ରା ଆରମ୍ଭ ହୋଇସାରିଛି। ତେବେ ଏହାକୁ ଆହୁରି ବ୍ୟାପକ, ଗଭୀର ଓ ପ୍ରଭାବଶାଳୀ କରିବାର ସମୟ ଆସିଛି।

**(ଏହା ଲେଖକଙ୍କ ବ୍ୟକ୍ତିଗତ ମତ)**

# ସୁଭଦ୍ରାର ଦୁଇ ବର୍ଷ: ଜଣେ ମହିଳାଙ୍କ ହାତରେ ଟଙ୍କା ନୁହେଁ, ଆତ୍ମବିଶ୍ୱାସର ଆଲୋକ (୧)



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

କେତେକ ଯୋଜନାର ମୂଲ୍ୟ କେବଳ କେତେ ଟଙ୍କା ବଣ୍ଟନ ହେଲା, କେତେ ଲୋକଙ୍କ ଖାତାକୁ ଟଙ୍କା ଗଲା କିମ୍ବା କେତେ ଆବେଦନ ଗ୍ରହଣ ହେଲା, ସେହି ସଂଖ୍ୟାରେ ମାପିହୁଏ ନାହିଁ; କାରଣ ଏକ ସରକାରୀ ସହାୟତାର ସବୁଠାରୁ ବଡ଼ ଅର୍ଥ ସେତେବେଳେ ସୃଷ୍ଟି ହୁଏ, ଯେତେବେଳେ ତାହା ଜଣେ ମଣିଷର ଜୀବନରେ ଏମିତି ଏକ ଛୋଟ ପରିବର୍ତ୍ତନ ଆଣେ, ଯାହା ତାଙ୍କୁ ଗତକାଲିଠାରୁ ଆଜି ନିଜକୁ ଅଳ୍ପ ଅଧିକ ସକ୍ଷମ, ଅଳ୍ପ ଅଧିକ ସ୍ୱାଧୀନ ଏବଂ ଅଳ୍ପ ଅଧିକ ଆତ୍ମବିଶ୍ୱାସୀ ଭାବିବାର ସୁଯୋଗ ଦିଏ। ଓଡ଼ିଶାର ସୁଭଦ୍ରା ଯୋଜନାକୁ ନେଇ ଦୁଇ ବର୍ଷର ଯାତ୍ରାକୁ ଦେଖିବାବେଳେ ଏହି ମାନବୀୟ ପ୍ରଶ୍ନଟି ହିଁ ସବୁଠାରୁ ଆଗକୁ ଆସେ—ଜଣେ ମହିଳାଙ୍କ ହାତକୁ ଯାଇଥିବା ଟଙ୍କା କେବଳ ଏକ ଆର୍ଥିକ ସହାୟତା ହୋଇ ରହିଛି କି, ନା ସେହି ଟଙ୍କା ତାଙ୍କ ନିଷ୍ପତ୍ତି ନେବାର ସାହସ, ନିଜ ପାଇଁ ଭାବିବାର ଅଧିକାର, ପରିବାରରେ କଥା କହିବାର ସ୍ଥାନ ଏବଂ ନିଜ ସ୍ୱପ୍ନକୁ ପୁଣିଥରେ ଦେଖିବାର ଆଲୋକ ହୋଇପାରିଛି କି? ଏହି ପ୍ରଶ୍ନର ଉତ୍ତର ଖୋଜିବା ହିଁ ସୁଭଦ୍ରାର ଦୁଇ ବର୍ଷର ସତ୍ୟ ମୂଲ୍ୟାୟନ। ୧୭ ସେପ୍ଟେମ୍ବର ୨୦୨୪ରେ ଓଡ଼ିଶାରେ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନାର ଘୋଷିତ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମହିଳାଙ୍କୁ ସିଧାସଳଖ ଆର୍ଥିକ ସହାୟତା ଦେଇ ସେମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା, ଆର୍ଥିକ ସମାବେଶ ବଢ଼ାଇବା, ପାରିବାରିକ ନିଷ୍ପତ୍ତିରେ ମହିଳାଙ୍କ ଭୂମିକାକୁ ମଜବୁତ କରିବା ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ସେମାନଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା। ଏହାର ଗଠନରେ ପାଞ୍ଚ ବର୍ଷ ମଧ୍ୟରେ ମୋଟ ପଚାଶ ହଜାର ଟଙ୍କା ଏବଂ ପ୍ରତିବର୍ଷ ଦୁଇଟି ସମାନ କିସ୍ତିରେ ଦଶ ହଜାର ଟଙ୍କା ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ଏଠାରେ ମୁଖ୍ୟ କଥା କେବଳ ଟଙ୍କା ନୁହେଁ। ମୁଖ୍ୟ କଥା ହେଉଛି—ସେହି ଟଙ୍କା ଜଣେ ମହିଳାଙ୍କ ଜୀବନରେ କେଉଁ ଅର୍ଥ ନେଇ ଆସୁଛି। ଏକ ଗରିବ ଘରରେ ପାଞ୍ଚ ହଜାର ଟଙ୍କା କେବେ ଝିଅର ପାଠପଢ଼ାର ଖର୍ଚ୍ଚ ହୋଇପାରେ, କେବେ ଘରର ଔଷଧ କିଣିବାର ଭରସା ହୋଇପାରେ, କେବେ ଛୋଟ ବ୍ୟବସାୟ ପାଇଁ ପୁଞ୍ଜିର ପ୍ରଥମ ପଥର ହୋଇପାରେ, କେବେ ଘରର ରୋଷେଇ ଘରକୁ ଆବଶ୍ୟକ ସାମଗ୍ରୀ ଆଣିପାରେ, କେବେ ଜଣେ ମହିଳାଙ୍କ ନିଜ ସଞ୍ଚୟର ପ୍ରଥମ ଅଧ୍ୟାୟ ହୋଇପାରେ। ଟଙ୍କାର ମୂଲ୍ୟ ସବୁ ଘରରେ ସମାନ ନୁହେଁ; କିନ୍ତୁ ଆର୍ଥିକ ନିର୍ଭରଶୀଳତାର ଅନୁଭବ ଥିବା ଜଣେ ମହିଳାଙ୍କ ପାଇଁ ନିଜ ନାମରେ ଥିବା ଏକ ନିର୍ଦ୍ଦିଷ୍ଟ ରାଶିର ଅର୍ଥ ଅନେକ ସମୟରେ ଟଙ୍କାଠାରୁ ବଡ଼ ହୋଇଥାଏ। ସେଠାରେ ଆସେ ଆତ୍ମସମ୍ମାନ। ସେଠାରେ ଆସେ ନିଷ୍ପତ୍ତି। ସେଠାରେ ଆସେ ଏହି ଅନୁଭବ—ମୁଁ ମଧ୍ୟ ଘରର ଅର୍ଥନୀତିର ଜଣେ ଅଂଶ। ମୁଁ କେବଳ ଖର୍ଚ୍ଚ କରୁଥିବା ମଣିଷ ନୁହେଁ; ମୁଁ ମଧ୍ୟ ଏକ ସମ୍ଭାବନା। ସୁଭଦ୍ରାର ଦୁଇ ବର୍ଷକୁ ଏହି ଦୃଷ୍ଟିରୁ ଦେଖିଲେ ଏହା କେବଳ ଏକ ଯୋଜନାର ଦୁଇ ବର୍ଷ ନୁହେଁ, ବରଂ ଓଡ଼ିଶାର ଘରେ ଘରେ ମହିଳାଙ୍କ ଆର୍ଥିକ ପରିଚୟକୁ ନେଇ ଚାଲିଥିବା ଏକ ବଡ଼ ପରୀକ୍ଷାର ଦୁଇ ବର୍ଷ। ଏହି ଯୋଜନାର ଆକାର ବଡ଼। ସରକାରୀ ତଥ୍ୟ ଓ ସମ୍ପ୍ରତିର ଘୋଷଣାଗୁଡ଼ିକରେ ଏକ କୋଟିରୁ ଅଧିକ ମହିଳାଙ୍କୁ ସହାୟତା ପହଞ୍ଚିଥିବା କଥା ଉଲ୍ଲେଖ ହୋଇଛି। ଏତେ ବଡ଼ ପରିମାଣର ଯୋଜନାର ସଫଳତାକୁ କେବଳ ଏକ ବଡ଼ ସଂଖ୍ୟା ଭାବେ ଦେଖିଲେ ତାହାର ମାନବୀୟ ଅର୍ଥ ହରାଇଯିବ। ଏକ କୋଟି ମହିଳା ମାନେ ଏକ କୋଟି କାହାଣୀ। ଏକ କୋଟି ପରିବାର। ଏକ କୋଟି ଆଶା। ଏକ କୋଟି ଭିନ୍ନ ଆବଶ୍ୟକତା। କେଉଁଠି ମା' ଅଛନ୍ତି, କେଉଁଠି ଝିଅ, କେଉଁଠି ବୋହୂ, କେଉଁଠି କୃଷକ ପରିବାରର ମହିଳା, କେଉଁଠି ଶ୍ରମିକ ପରିବାରର ମହିଳା, କେଉଁଠି ଛୋଟ ବ୍ୟବସାୟ କରୁଥିବା ମହିଳା, କେଉଁଠି ନିଜ ଘର ଓ ପରିବାରର ସମସ୍ତ ଦାୟିତ୍ୱ ନିରବରେ ବହନ କରୁଥିବା ମହିଳା। ତେଣୁ ସୁଭଦ୍ରାକୁ ଏକ ମାତ୍ର ଆର୍ଥିକ ମାପଦଣ୍ଡରେ ମାପିବା ଉଚିତ ନୁହେଁ। ଜଣେ ମହିଳାଙ୍କ ପାଇଁ ଏହା ହୋଇପାରେ ଛୋଟ ରାଶି; ଅନ୍ୟଜଣଙ୍କ ପାଇଁ ଏହା ହୋଇପାରେ ବଡ଼ ସହାୟତା। ଜଣେ ଏହାକୁ ତତ୍କାଳ ଆବଶ୍ୟକତାରେ ବ୍ୟବହାର କରିପାରନ୍ତି, ଅନ୍ୟଜଣେ ସଞ୍ଚୟ କରିପାରନ୍ତି, ଆଉ ଜଣେ ଛୋଟ ଉଦ୍ୟମରେ ଲଗାଇପାରନ୍ତି। ତେଣୁ ଯୋଜନାର ପ୍ରଭାବ ବୁଝିବା ପାଇଁ ଆମକୁ ଟଙ୍କାର ଗତି ସହିତ ମଣିଷର ଗତିକୁ ମଧ୍ୟ ଦେଖିବାକୁ ପଡ଼ିବ। ଟଙ୍କା ଖାତାକୁ ଗଲା—ଏହା ପ୍ରଥମ ପଦକ୍ଷେପ। ଟଙ୍କାର ବ୍ୟବହାର ହେଲା—ଏହା ଦ୍ୱିତୀୟ ପଦକ୍ଷେପ। ବ୍ୟବହାରରୁ ଉପକାର ହେଲା—ଏହା ତୃତୀୟ ପଦକ୍ଷେପ। ଉପକାରରୁ ଆୟ ବଢ଼ିଲା—ଚତୁର୍ଥ ପଦକ୍ଷେପ। ଆୟରୁ ସ୍ୱାଧୀନତା ବଢ଼ିଲା— ପଞ୍ଚମ ପଦକ୍ଷେପ। ଏବଂ ଶେଷରେ ଜଣେ ମହିଳା ନିଜ ଜୀବନର ନିଷ୍ପତ୍ତି ନିଜେ ନେବାର ଶକ୍ତି ପାଇଲେ—ସେତେବେଳେ ଏକ ଯୋଜନାର ସାମାଜିକ ଅର୍ଥ ପୂର୍ଣ୍ଣ ହୁଏ। ଏହି କାରଣରୁ ସୁଭଦ୍ରାର ଦୁଇ ବର୍ଷକୁ କେବଳ ଉତ୍ସବର ଆଖିରେ ନୁହେଁ, ଆତ୍ମପରୀକ୍ଷାର ଆଖିରେ ମଧ୍ୟ ଦେଖିବା ଦରକାର। ଏକ ବଡ଼ ଯୋଜନାର ସତ୍ୟ ସଫଳତା ହେଉଛି— ସେହି ଯୋଜନା ନିଜର ଆବଶ୍ୟକତାକୁ ଅନୁଭବ କରି ନିଜେ ନିଜର ପରବର୍ତ୍ତୀ ପଥ ତିଆରି କରିପାରୁଛି କି ନାହିଁ। ଏଠାରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ରହିଛି—ମହିଳାଙ୍କୁ ଟଙ୍କା ଦେବା ଓ ମହିଳାଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଏକ କଥା କି ? ନା। ଦୁଇଟିରେ ତଫାତ ରହିଛି। ଟଙ୍କା ଦେବା ଏକ ଆରମ୍ଭ। ସଶକ୍ତିକରଣ ଏକ ଯାତ୍ରା। ଯଦି ଜଣେ ମହିଳାଙ୍କ ହାତକୁ ଟଙ୍କା ଯାଏ, କିନ୍ତୁ ସେ ଟଙ୍କା କିପରି ସଞ୍ଚୟ କରିବେ, କିପରି ଉପଯୋଗ କରିବେ, କିପରି ନିଜ ଆୟ ବଢ଼ାଇବେ, କିପରି ଠକେଇରୁ ନିଜକୁ ସୁରକ୍ଷିତ ରଖିବେ, କିପରି ବଜାର ସହ ଯୋଡ଼ିବେ, କିପରି ଛୋଟ ଋଣକୁ ଉତ୍ପାଦନଶୀଳ କାମରେ ବ୍ୟବହାର କରିବେ—ଏସବୁ ଜାଣିପାରୁନାହାନ୍ତି, ତେବେ ଆର୍ଥିକ ସହାୟତାର ପୂର୍ଣ୍ଣ ସମ୍ଭାବନା ଖୋଲିବ ନାହିଁ। ତେଣୁ ସୁଭଦ୍ରାର ପରବର୍ତ୍ତୀ ପର୍ଯ୍ୟାୟରେ ଆର୍ଥିକ ସାକ୍ଷରତା, ଡିଜିଟାଲ ସୁରକ୍ଷା, ସଞ୍ଚୟ ଅଭ୍ୟାସ, ଦକ୍ଷତା ବିକାଶ, ବଜାର ସଂଯୋଗ, ସ୍ୱୟଂସହାୟକ ଗୋଷ୍ଠୀ, ଛୋଟ ଉଦ୍ୟମ, ଘରୋଇ ଉତ୍ପାଦକୁ ବଜାର ଓ ନିରାପଦ ଋଣ ବ୍ୟବସ୍ଥା ସହିତ ଯୋଡ଼ିବା ଅତ୍ୟନ୍ତ ଜରୁରୀ। ଓଡ଼ିଶାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଆର୍ଥିକ ସଶକ୍ତିକରଣର ଦୀର୍ଘ ଅଭିଜ୍ଞତା ରହିଛି; ମିଶନ ଶକ୍ତି ମଧ୍ୟ ମହିଳାଙ୍କ ଆୟ ଓ ଆର୍ଥିକ ସ୍ୱାଧୀନତାକୁ ବିକାଶର ମୁଖ୍ୟ ଅଂଶ ଭାବେ ଦେଖେ। ସୁଭଦ୍ରା ଏହି ପୂର୍ବବର୍ତ୍ତୀ ସାମାଜିକ ଅଭିଜ୍ଞତା ସହିତ ଯୋଡ଼ିଲେ ଏହାର ପ୍ରଭାବ ଆହୁରି ଗଭୀର ହୋଇପାରେ। ଧରନ୍ତୁ, ଜଣେ ଗାଁର ମହିଳା ପ୍ରତିଦିନ ଘରକାମ କରନ୍ତି, ପରିବାର ପାଇଁ ରୋଷେଇ କରନ୍ତି, ପିଲାଙ୍କୁ ସ୍କୁଲ ପଠାନ୍ତି, ଶାଶୁଶ୍ୱଶୁରଙ୍କ ଦେଖାଶୁଣା କରନ୍ତି, ସ୍ୱାମୀଙ୍କ କାମରେ ସାହାଯ୍ୟ କରନ୍ତି, କ୍ଷେତରେ କାମ କରନ୍ତି, ପଶୁପାଳନ କରନ୍ତି; କିନ୍ତୁ ତାଙ୍କ କାମର ମୂଲ୍ୟ କେବେ ଟଙ୍କାରେ ଲେଖାଯାଏ ନାହିଁ। ସେ ଅର୍ଥନୀତିରେ ଅବଦାନ ଦେଉଛନ୍ତି, କିନ୍ତୁ ନିଜ ନାମରେ ଆୟ ନାହିଁ। ଏପରି ଜଣେ ମହିଳାଙ୍କ ଖାତାକୁ ଯେତେବେଳେ ସରକାରୀ ସହାୟତା ଯାଏ, ସେତେବେଳେ ଏହାର ଆର୍ଥିକ ମୂଲ୍ୟ ସହିତ ଏକ ସାମାଜିକ ସନ୍ଦେଶ ମଧ୍ୟ ଯାଏ—ତୁମର ଅସ୍ତିତ୍ୱ ଅଛି, ତୁମର ଅବଦାନ ଅଛି, ତୁମର ନିଜ ଆର୍ଥିକ ପରିଚୟ ଥାଇପାରେ। ଏହି ଅନୁଭବକୁ ଅବହେଳା କରିହେବ ନାହିଁ। କିନ୍ତୁ ଏହାକୁ ଅତିରଞ୍ଜିତ କରିବା ମଧ୍ୟ ଠିକ୍ ନୁହେଁ। ପ୍ରତ୍ୟେକ ଯୋଜନାର ନିଜର ସୀମା ରହେ। ଜୀବନର ସମସ୍ତ ସମସ୍ୟା ଏକ ଯୋଜନାର ଟଙ୍କାରେ ସମାଧାନ ହୋଇପାରେ ନାହିଁ। ମହିଳାଙ୍କ ସଶକ୍ତିକରଣ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା, ନିଯୁକ୍ତି, ସମ୍ପତ୍ତିରେ ଅଧିକାର, ଉଦ୍ୟମ ପାଇଁ ପୁଞ୍ଜି, ବଜାର, ଦକ୍ଷତା ଓ ସାମାଜିକ ସମ୍ମାନ—ସବୁ ଦରକାର। ସୁଭଦ୍ରା ଏହି ବଡ଼ ପଥର ଏକ ଅଂଶ। ଏହାକୁ ସମଗ୍ର ସମାଧାନ ବୋଲି ଦେଖିବା ଯେପରି ଠିକ୍ ନୁହେଁ, ସେପରି ଏହାର ଆର୍ଥିକ ଓ ସାମାଜିକ ଗୁରୁତ୍ୱକୁ କମ କରି ଦେଖିବା ମଧ୍ୟ ଉଚିତ ନୁହେଁ। ଦୁଇ ବର୍ଷର ଅବସର ଏହି ସନ୍ତୁଳିତ ମୂଲ୍ୟାୟନ ପାଇଁ ଉପଯୁକ୍ତ ସମୟ। ଏକ କୋଟିରୁ ଅଧିକ ମହିଳାଙ୍କ ନାମ ଏକ ସଂଖ୍ୟା ହୋଇପାରେ; କିନ୍ତୁ ପ୍ରତ୍ୟେକ ନାମ ପଛରେ ଏକ ଜୀବନ ଅଛି। ସେହି ଜୀବନରେ କେବେ ଅଭାବ ଅଛି, କେବେ ଅସୁସ୍ଥତା, କେବେ ଝିଅର ବିବାହ, କେବେ ପୁଅର ପାଠପଢ଼ା, କେବେ ଘର ମରାମତି, କେବେ ବ୍ୟବସାୟର କ୍ଷତି, କେବେ ଋଣର ଚାପ, କେବେ ଅଚାନକ ଆସୁଥିବା ଚିକିତ୍ସା ଖର୍ଚ୍ଚ। ଏମିତି ସମୟରେ ନିଜ ଖାତାରେ ଥିବା ଟଙ୍କା ଜଣେ ମହିଳାଙ୍କୁ ଏକ ଛୋଟ ସୁରକ୍ଷାବଳୟ ଦେଇପାରେ। ଆର୍ଥିକ ନିରାପତ୍ତାର ଏହି ଛୋଟ ଅନୁଭବ ମନରେ ବଡ଼ ଆତ୍ମବିଶ୍ୱାସ ଜନ୍ମ ଦେଇପାରେ। କିନ୍ତୁ ସେହି ଆତ୍ମବିଶ୍ୱାସକୁ ଦୀର୍ଘସ୍ଥାୟୀ କରିବା ପାଇଁ ଯୋଜନା ସହିତ ଅନ୍ୟ ସୁଯୋଗଗୁଡ଼ିକୁ ଯୋଡ଼ିବା ଆବଶ୍ୟକ। ଏଠାରେ ଶିକ୍ଷାର ଭୂମିକା ଅପରିମିତ। ଜଣେ ମା' ଯଦି ନିଜ ଟଙ୍କାର ମୂଲ୍ୟ ବୁଝନ୍ତି, ତେବେ ସେ ନିଜ ଝିଅକୁ ମଧ୍ୟ ଆର୍ଥିକ ସାକ୍ଷରତା ଶିଖାଇପାରନ୍ତି। ଜଣେ ମହିଳା ଯଦି ଡିଜିଟାଲ ଲେନଦେନ ବୁଝନ୍ତି, ତେବେ ଘରର ଅନ୍ୟ ସଦସ୍ୟମାନେ ମଧ୍ୟ ସଚେତନ ହୋଇପାରନ୍ତି। ଜଣେ ମହିଳା ଯଦି ନିଜେ ବ୍ୟାଙ୍କକୁ ଯାଇପାରନ୍ତି, ନିଜ ଖାତାର ସ୍ଥିତି ଜାଣିପାରନ୍ତି, ଠକେଇରୁ ନିଜକୁ ବଞ୍ଚାଇପାରନ୍ତି, ତେବେ ଏହା କେବଳ ଏକ ବ୍ୟକ୍ତିର ଉନ୍ନତି ନୁହେଁ, ସମଗ୍ର ପରିବାରର ଆର୍ଥିକ ସଚେତନତାର ଉନ୍ନତି। ତେଣୁ ସୁଭଦ୍ରାର ପରବର୍ତ୍ତୀ ଦୁଇ ବର୍ଷ ଆଉ ଏକ ପ୍ରଶ୍ନ ପଚାରିବା ଦରକାର—କେତେ ମହିଳା ସହାୟତା ପାଇଲେ ତାହା ସହିତ କେତେ ମହିଳା ସେହି ସହାୟତାକୁ ନିଜ ଆର୍ଥିକ ଶକ୍ତିରେ ପରିଣତ କରିପାରିଲେ ? ଏହାର ଉତ୍ତର ପାଇଁ ଜିଲ୍ଲା, ବ୍ଲକ ଓ ଗ୍ରାମ ସ୍ତରରେ ଅଧିକ ଗଭୀର ଅଧ୍ୟୟନ ଆବଶ୍ୟକ। କେବଳ ଟଙ୍କା ପହଞ୍ଚିଲା କି ନାହିଁ ନୁହେଁ, ଟଙ୍କା ପରେ ଜୀବନରେ କ'ଣ ବଦଳିଲା— ଏହି ପ୍ରଶ୍ନ ହେଉଛି ଆଗାମୀ ମୂଲ୍ୟାୟନର କେନ୍ଦ୍ର। ଏକ ଯୋଜନା ଯେତେ ବଡ଼, ତାହାର ମୂଲ୍ୟାୟନ ସେତେ ଗଭୀର ହେବା ଦରକାର। ଏହି ଦାୟିତ୍ୱ କେବଳ ସରକାରର ନୁହେଁ; ସମାଜ, ଗବେଷକ, ସାମ୍ବାଦିକ, ନାଗରିକ ସଂଗଠନ ଓ ନିଜ ମହିଳାମାନଙ୍କର ମଧ୍ୟ ଅଛି। କାରଣ ଲୋକକଲ୍ୟାଣ ଯୋଜନାର ଶେଷ ଲକ୍ଷ୍ୟ କାଗଜରେ ଥିବା ସଫଳତା ନୁହେଁ, ଲୋକଙ୍କ ଜୀବନରେ ଥିବା ପରିବର୍ତ୍ତନ। ଏହି ପରିବର୍ତ୍ତନର ଆଉ ଏକ ଦିଗ ହେଉଛି ମହିଳାଙ୍କ ନିଜ ସ୍ୱପ୍ନ। ଆମ ସମାଜରେ ଅନେକ ମହିଳା ବିବାହ ପରେ ନିଜର ଅନେକ ସ୍ୱପ୍ନକୁ ପଛକୁ ରଖିଦିଅନ୍ତି। କାହାର ସ୍ୱପ୍ନ ଥିଲା ସିଲେଇ କରିବା, କାହାର ଛୋଟ ଦୋକାନ ଖୋଲିବା, କାହାର ଖାଦ୍ୟ ପଦାର୍ଥ ବନାଇ ବିକ୍ରି କରିବା, କାହାର ହସ୍ତଶିଳ୍ପ କରିବା, କାହାର ପିଲାମାନଙ୍କୁ ଭଲ ପଢ଼ାଇବା, କାହାର ନିଜ ପାଇଁ ଏକ ଛୋଟ ଘର ତିଆରି କରିବା। ସମସ୍ତ ସ୍ୱପ୍ନ ବଡ଼ ନୁହେଁ; କିନ୍ତୁ ପ୍ରତ୍ୟେକ ସ୍ୱପ୍ନର ମୂଲ୍ୟ ଅଛି। ଯଦି ସୁଭଦ୍ରାର ଟଙ୍କା ଜଣେ ମହିଳାଙ୍କୁ ନିଜ ସ୍ୱପ୍ନର ପ୍ରଥମ ପଦକ୍ଷେପ ନେବାର ସାହସ ଦେଇଥାଏ, ତେବେ ସେହି ଟଙ୍କାର ସାମାଜିକ ମୂଲ୍ୟ ହିସାବର ଅଙ୍କଠାରୁ ବଡ଼। କିନ୍ତୁ ସ୍ୱପ୍ନକୁ ବ୍ୟବସାୟରେ ପରିଣତ କରିବା ପାଇଁ ବଜାର ଦରକାର। ତେଣୁ ଗ୍ରାମୀଣ ମହିଳାଙ୍କ ଉତ୍ପାଦକୁ ସହରର ବଜାର, ଅନଲାଇନ ବଜାର, ପର୍ଯ୍ୟଟନ ବଜାର, ସରକାରୀ କ୍ରୟ ଓ ସ୍ଥାନୀୟ ମେଳା ସହିତ ଯୋଡ଼ିବା ଆବଶ୍ୟକ। ଜଣେ ମହିଳା ଭଲ ଆଚାର ବନାଇପାରନ୍ତି, ଅନ୍ୟଜଣେ ହସ୍ତଶିଳ୍ପ, ଆଉ ଜଣେ ଶୁଖିଲା ଖାଦ୍ୟ, ଆଉ ଜଣେ ପୋଷାକ; କିନ୍ତୁ ଉତ୍ପାଦ ତିଆରି କରିବା ମାତ୍ରେ ବ୍ୟବସାୟ ହୁଏ ନାହିଁ। ପ୍ୟାକେଜିଂ, ଗୁଣମାନ, ବ୍ରାଣ୍ଡ, ହିସାବ, ବଜାର, ପରିବହନ, ଡିଜିଟାଲ ବିକ୍ରି ଓ ଗ୍ରାହକ ସମ୍ପର୍କ ମଧ୍ୟ ଦରକାର। ସୁଭଦ୍ରା ଯଦି ଏହି ସମଗ୍ର ପରିବେଶ ସହିତ ଯୋଡ଼ିହୁଏ, ତେବେ ଏହାର ପ୍ରଭାବ ନଗଦ ସହାୟତାରୁ ଆୟ ସୃଷ୍ଟି ପର୍ଯ୍ୟନ୍ତ ଯାଇପାରିବ। ଏହା ହେଉଛି ନୀତିର ପରବର୍ତ୍ତୀ ପର୍ଯ୍ୟାୟ। ଆଜିର ମହିଳା କେବଳ ସହାୟତା ପାଇବାକୁ ଚାହୁଁନାହାନ୍ତି; ସେ ସୁଯୋଗ ମଧ୍ୟ ଚାହୁଁଛନ୍ତି। ସେ ନିଜେ ରୋଜଗାର କରିବାକୁ ଚାହୁଁଛନ୍ତି। ସେ ନିଜ ଝିଅକୁ ନିଜଠାରୁ ଅଧିକ ଶିକ୍ଷିତ କରିବାକୁ ଚାହୁଁଛନ୍ତି। ସେ ନିଜ ପରିବାରର ଅର୍ଥନୀତିରେ ଅବଦାନ ଦେଇ ଗର୍ବ କରିବାକୁ ଚାହୁଁଛନ୍ତି। ତେଣୁ ମହିଳା ସଶକ୍ତିକରଣର ଆଗାମୀ ଅଧ୍ୟାୟରେ ଆର୍ଥିକ ସହାୟତା ସହିତ ଆୟର ସୁଯୋଗ ସୃଷ୍ଟି ହେବା ଆବଶ୍ୟକ। ଏହା ମଧ୍ୟ ସତ୍ୟ ଯେ ଏକ ବଡ଼ ଯୋଜନାର ପରିଚାଳନାରେ ବିଭିନ୍ନ ପ୍ରକାରର ପ୍ରଶାସନିକ ଚ୍ୟାଲେଞ୍ଜ ରହିପାରେ। ଯୋଗ୍ୟ ଲୋକ ବାଦ ପଡ଼ିବା, ତଥ୍ୟର ତ୍ରୁଟି, ବ୍ୟାଙ୍କ ସମ୍ପର୍କିତ ସମସ୍ୟା, ଆଧାର କିମ୍ବା ଖାତା ସମ୍ପର୍କିତ ଅସୁବିଧା, ଡିଜିଟାଲ ଅଜ୍ଞତା, ଅଭିଯୋଗ ସମାଧାନର ବିଳମ୍ବ ଭଳି ସମସ୍ୟାକୁ ସରକାରୀ ବ୍ୟବସ୍ଥା ସତର୍କତାର ସହିତ ଦେଖିବା ଦରକାର। ଏକ କୋଟିରୁ ଅଧିକ ଲୋକଙ୍କୁ ନେଇ ଚାଲୁଥିବା କାର୍ଯ୍ୟକ୍ରମରେ ଜଣେ ଲାଭାର୍ଥୀଙ୍କ ସମସ୍ୟା ମଧ୍ୟ ଛୋଟ ସମସ୍ୟା ନୁହେଁ। ପ୍ରତ୍ୟେକ ଯୋଗ୍ୟ ମହିଳା ନିଜ ଅଧିକାରର ସହାୟତା ପାଇବା ଦରକାର, ଏବଂ ଯଦି କୌଣସି ମହିଳା ବାଦ ପଡ଼ନ୍ତି, ତାଙ୍କ ଅଭିଯୋଗ ଶୁଣିବାର ଏକ ସହଜ ଓ ନିର୍ଭରଯୋଗ୍ୟ ପଥ ରହିବା ଦରକାର। ଯୋଜନାର ବଡ଼ତ୍ୱ କେବଳ ଲାଭାର୍ଥୀଙ୍କ ସଂଖ୍ୟାରେ ନୁହେଁ; ଶେଷ ମହିଳାଙ୍କ ପାଖକୁ ନ୍ୟାୟସଙ୍ଗତ ଭାବରେ ପହଞ୍ଚିବାର କ୍ଷମତାରେ ମଧ୍ୟ ରହେ। ଏହି କଥା ମନେ ରଖିବା ଦରକାର ଯେ ମହିଳାଙ୍କ ଆର୍ଥିକ ସ୍ୱାଧୀନତା ପରିବାରକୁ ମଧ୍ୟ ଶକ୍ତିଶାଳୀ କରେ। ଜଣେ ମହିଳା ଯଦି ନିଜ ଅର୍ଥ ବ୍ୟବସ୍ଥାକୁ ବୁଝନ୍ତି, ପରିବାରରେ ଅଚାନକ ଆର୍ଥିକ ସଙ୍କଟ ଆସିଲେ ସେ ଅଧିକ ସଚେତନ ଭାବରେ ମୁକାବିଲା କରିପାରନ୍ତି। ଜଣେ ମା' ଯଦି ନିଜ ଝିଅର ଶିକ୍ଷା ପାଇଁ ଅଲଗା ଟଙ୍କା ରଖିପାରନ୍ତି, ତେବେ ତାହା ପରବର୍ତ୍ତୀ ପିଢ଼ିରେ ନିବେଶ। ଜଣେ ମହିଳା ଯଦି ସ୍ୱାସ୍ଥ୍ୟ ପାଇଁ ସମୟରେ ଟଙ୍କା ଖର୍ଚ୍ଚ କରିପାରନ୍ତି, ତେବେ ଏହା ପରିବାରର ସ୍ୱାସ୍ଥ୍ୟ ସୁରକ୍ଷା। ଜଣେ ମହିଳା ଯଦି ଛୋଟ ବ୍ୟବସାୟ ଆରମ୍ଭ କରନ୍ତି, ତେବେ ସେହି ବ୍ୟବସାୟ ପରେ ଅନ୍ୟ ଜଣଙ୍କ ପାଇଁ ମଧ୍ୟ ରୋଜଗାର ହୋଇପାରେ। ଏହି ଛୋଟ ଛୋଟ ପରିବର୍ତ୍ତନ ମିଶିଲେ ବଡ଼ ସାମାଜିକ ପରିବର୍ତ୍ତନ ହୁଏ। ତେଣୁ ମହିଳାଙ୍କୁ କେବଳ ଲାଭାର୍ଥୀ ଭାବେ ଦେଖିବାର ଦୃଷ୍ଟିକୋଣ ବଦଳିବା ଆବଶ୍ୟକ। ସେମାନେ ଅର୍ଥନୀତିର ଉପଭୋକ୍ତା ମାତ୍ର ନୁହେଁ; ସେମାନେ ଉତ୍ପାଦକ, ଉଦ୍ୟୋଗୀ, କର୍ମୀ, କୃଷି ସହଯୋଗୀ, ପାରିବାରିକ ଅର୍ଥନୀତିର ପରିଚାଳକ ଏବଂ ଆଗାମୀ ପିଢ଼ିର ନିର୍ମାତା। ଏହି ଦୃଷ୍ଟିରୁ ସୁଭଦ୍ରାର ଦୁଇ ବର୍ଷ ଓଡ଼ିଶାର ମହିଳା ନୀତିର ଆଗାମୀ ଦିଗ ନିର୍ଣ୍ଣୟ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ସମୟ। ଏହାକୁ ରାଜନୈତିକ ତର୍କରେ ସୀମିତ କରିଦେବା ଠିକ୍ ହେବ ନାହିଁ। କୌଣସି ସରକାର ଏକ ଯୋଜନା ଆଣିଲେ ତାହାର ଉଦ୍ଦେଶ୍ୟ, ଖର୍ଚ୍ଚ, ପ୍ରଭାବ, ପରିଚାଳନା ଓ ଫଳାଫଳକୁ ନାଗରିକ ନିରପେକ୍ଷ ଭାବରେ ପରୀକ୍ଷା କରିବା ଉଚିତ। ସେହି ପରୀକ୍ଷା ଯଦି ସଫଳତା ଦେଖାଏ, ସଫଳତାକୁ ସ୍ୱୀକାର କରିବା ଉଚିତ; ଯଦି ଅଭାବ ଦେଖାଏ, ଅଭାବକୁ ମଧ୍ୟ ଚିହ୍ନଟ କରି ସୁଧାର ପାଇଁ ପଥ ଖୋଜିବା ଉଚିତ। ଏହା ହେଉଛି ଲୋକତନ୍ତ୍ରର ସ୍ୱାଭାବିକ ପ୍ରକ୍ରିୟା। ସୁଭଦ୍ରା ନେଇ ଚର୍ଚ୍ଚା ମଧ୍ୟ ଏହି ପରିପକ୍ୱତାର ସହିତ ହେବା ଦରକାର। ଯୋଜନାକୁ ପ୍ରଶଂସା କରିବା ପୂର୍ବରୁ ତଥ୍ୟ ଦେଖିବା ଦରକାର; ସମାଲୋଚନା କରିବା ପୂର୍ବରୁ ମଧ୍ୟ ତଥ୍ୟ ଦେଖିବା ଦରକାର। ମହିଳାଙ୍କ ଜୀବନ ରାଜନୈତିକ ତର୍କର ବସ୍ତୁ ନୁହେଁ; ଏହା ନୀତିର ଶେଷ ପରୀକ୍ଷା। ଯେତେବେଳେ ଜଣେ ମା' ନିଜ ଝିଅକୁ କହିବେ—"ତୁ ପଢ଼, ତୋ ପାଇଁ ମୁଁ ଟଙ୍କା ରଖିଛି"— ସେତେବେଳେ ସୁଭଦ୍ରାର ଅର୍ଥ ଅନ୍ୟ ହୋଇଯିବ। ଯେତେବେଳେ ଜଣେ ମହିଳା କହିବେ—"ମୁଁ ନିଜେ ମୋର ଖାତା ଚଳାଇପାରୁଛି"—ସେତେବେଳେ ଏହାର ଅର୍ଥ ଅନ୍ୟ ହୋଇଯିବ। ଯେତେବେଳେ ଜଣେ ଗୃହିଣୀ ନିଜ ହାତର କାମକୁ ଛୋଟ ବ୍ୟବସାୟରେ ପରିଣତ କରି କହିବେ— "ମୋର ମଧ୍ୟ ଆୟ ଅଛି"— ସେତେବେଳେ ଏହାର ଅର୍ଥ ଆହୁରି ଗଭୀର ହେବ। ଏବଂ ଯେତେବେଳେ ଜଣେ ଝିଅ ନିଜ ମା'କୁ ଆର୍ଥିକ ଭାବରେ ସଚେତନ, ସ୍ୱାଧୀନ ଓ ଆତ୍ମବିଶ୍ୱାସୀ ଭାବେ ଦେଖି ବଡ଼ ହେବ, ସେତେବେଳେ ସୁଭଦ୍ରାର ପ୍ରଭାବ ତୃତୀୟ ପିଢ଼ି ପର୍ଯ୍ୟନ୍ତ ଯାଇପାରେ। ଏହା ହେଉଛି ନୀତିର ସବୁଠାରୁ ସୁନ୍ଦର ସମ୍ଭାବନା। ଦୁଇ ବର୍ଷର ଯାତ୍ରାରେ ଏକ କଥା ସ୍ପଷ୍ଟ— ମହିଳାଙ୍କ ହାତକୁ ଟଙ୍କା ପହଞ୍ଚାଇବା ଆବଶ୍ୟକ, କିନ୍ତୁ ତାଙ୍କ ହାତକୁ ସୁଯୋଗ ପହଞ୍ଚାଇବା ଆହୁରି ଆବଶ୍ୟକ। ଟଙ୍କା ଏକ ଦିନର ସାହାଯ୍ୟ ହୋଇପାରେ; ଦକ୍ଷତା ଏକ ଜୀବନର ଆୟ ହୋଇପାରେ। ଟଙ୍କା ଏକ ସମସ୍ୟା ସମାଧାନ କରିପାରେ; ଜ୍ଞାନ ଅନେକ ସମସ୍ୟା ସମାଧାନ କରିପାରେ। ତେଣୁ ସୁଭଦ୍ରାର ଆଗାମୀ ଅଧ୍ୟାୟରେ ଆର୍ଥିକ ସହାୟତା ସହିତ ଦକ୍ଷତା, ଉଦ୍ୟମ, ଶିକ୍ଷା, ଡିଜିଟାଲ ଜ୍ଞାନ, ବଜାର ଓ ସୁରକ୍ଷିତ ଅର୍ଥ ବ୍ୟବସ୍ଥାକୁ ଏକାଠି କରିବା ଆବଶ୍ୟକ। ଏହି ପଥରେ ଗ୍ରାମୀଣ ମହିଳା, ଆଦିବାସୀ ଅଞ୍ଚଳର ମହିଳା, ସହରର ନିମ୍ନଆୟ ବର୍ଗର ମହିଳା, ଛୋଟ ବ୍ୟବସାୟୀ, ଘରୋଇ ଶ୍ରମିକ ଓ ନିଜ ଜୀବିକା ଖୋଜୁଥିବା ମହିଳାଙ୍କ ଭିନ୍ନ ଭିନ୍ନ ଆବଶ୍ୟକତାକୁ ବୁଝିବା ଦରକାର। ଏକେ ନୀତି ସମସ୍ତଙ୍କ ପାଇଁ ସମାନ ଫଳ ଦେବ ନାହିଁ। ଜିଲ୍ଲା ଅନୁଯାୟୀ ଭିନ୍ନ ଅର୍ଥନୀତି, ଭିନ୍ନ ଜୀବିକା ଓ ଭିନ୍ନ ସାମାଜିକ ପରିବେଶ ରହିଛି। ସମୁଦ୍ରତଟର ମହିଳାଙ୍କ ଜୀବିକା ଓ ପାହାଡ଼ିଆ ଅଞ୍ଚଳର ମହିଳାଙ୍କ ଜୀବିକା ଏକ ନୁହେଁ। ଜଙ୍ଗଲ ନିର୍ଭର ପରିବାର ଓ ସହର ନିର୍ଭର ପରିବାରର ଆବଶ୍ୟକତା ମଧ୍ୟ ଏକ ନୁହେଁ। ତେଣୁ ଯୋଜନାର ଟଙ୍କା ସହିତ ସ୍ଥାନୀୟ ଅର୍ଥନୀତିକୁ ବୁଝି ଦକ୍ଷତା ଓ ବଜାର ଯୋଡ଼ିବା ଦରକାର। ଓଡ଼ିଶାର ମହିଳାମାନଙ୍କ ହାତରେ ଅସୀମ ସୃଜନଶୀଳତା ରହିଛି। ପାରମ୍ପରିକ ଖାଦ୍ୟ, ହସ୍ତଶିଳ୍ପ, ହସ୍ତତନ୍ତ, ଜଙ୍ଗଲଜାତ ଦ୍ରବ୍ୟ, କୃଷିଜାତ ପ୍ରସ୍ତୁତି, ଘରୋଇ ଖାଦ୍ୟ ଓ ଅନେକ ସ୍ଥାନୀୟ ଉତ୍ପାଦକୁ ବଡ଼ ବଜାର ମିଳିପାରେ। କିନ୍ତୁ ସେଥିପାଇଁ ପ୍ରଶିକ୍ଷଣ, ଗୁଣମାନ ନିୟନ୍ତ୍ରଣ, ବ୍ରାଣ୍ଡ ନିର୍ମାଣ ଓ ବଜାର ସହଯୋଗ ଆବଶ୍ୟକ। ଯଦି ଜଣେ ମହିଳାଙ୍କୁ ଏହି ସୁଯୋଗ ମିଳେ, ତେବେ ସେ କେବଳ ନିଜ ପରିବାରକୁ ନୁହେଁ, ଗ୍ରାମର ଅନ୍ୟ ମହିଳାଙ୍କୁ ମଧ୍ୟ ରୋଜଗାର ଦେଇପାରନ୍ତି। ଏହି ହେଉଛି ସହାୟତାରୁ ଉଦ୍ୟମ ପର୍ଯ୍ୟନ୍ତର ଯାତ୍ରା।

(କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଏସିଆନ୍ ଗେମ୍ସ ୨୦୨୬

# ଶୁଟିଂରେ ଭାରତକୁ ଆଉ ୨ ପଦକ : ହିମାଂଶୁଙ୍କୁ ସିଲଭର, ରୁଦ୍ରାଂଶଙ୍କୁ ବ୍ରୋଞ୍ଜ



**ନାଗୋୟା**

ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ଶୁଟରମାନଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଶୁଟିଂରେ ଭାରତ ଆଉ ଦୁଇଟି ପଦକ ଜିତିଛି। ୧୦ ମିଟର ଏୟାର ରାଇଫଲ୍ ବ୍ୟକ୍ତିଗତ ଇଭେଣ୍ଟରେ ହିମାଂଶୁ ଢିଲ୍ଲୋନ୍ ରୌପ୍ୟ ଏବଂ ରୁଦ୍ରାଂଶ ପାଟିଲ୍ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହା ସହ ଏସିଆନ୍ ଗେମ୍ସରେ ଭାରତର ମୋଟ ପଦକ ସଂଖ୍ୟା ୬ରେ ପହଞ୍ଚିଛି। ୧୦ ମିଟର ଏୟାର ରାଇଫଲ୍ ପର୍ସନାଲ ଇଭେଣ୍ଟରେ ଚୀନର ଶେଙ୍ଗ୍ ଲିହାଓ ୨୫୪.୨ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାରତର ହିମାଂଶୁ ଢିଲ୍ଲୋନ୍ ୨୫୨.୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ସିଲଭର ପଦକ ହାସଲ କରିଛନ୍ତି। ସେହିପରି ରୁଦ୍ରାଂଶ ପାଟିଲ୍ ୨୩୦.୯ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହା ପୂର୍ବରୁ ଏସିଆନ୍ ଗେମ୍ସର ତୃତୀୟ ଦିନରେ ୧୦ ମିଟର ଏୟାର ରାଇଫଲ୍ ପୁରୁଷ ଟିମ୍ ଇଭେଣ୍ଟରେ ଭାରତ ସିଲଭର ପଦକ ଜିତିଥିଲା। ହିମାଂଶୁ ଢିଲ୍ଲୋନ୍ ଏବଂ ରୁଦ୍ରାଂଶ ପାଟିଲ୍ ମଧ୍ୟ ସେହି ଟିମ୍‌ର ସଦସ୍ୟ ଥିଲେ। ଏବେ ବ୍ୟକ୍ତିଗତ ଇଭେଣ୍ଟରେ ହିମାଂଶୁ ସିଲଭର ଏବଂ ରୁଦ୍ରାଂଶ ବ୍ରୋଞ୍ଜ ଜିତି ଭାରତର ପଦକ ସଂଖ୍ୟା ବଢ଼ାଇଛନ୍ତି। ଏସିଆନ୍ ଗେମ୍ସ ୨୦୨୬ରେ ଶୁଟିଂରେ ଭାରତ ଏପର୍ଯ୍ୟନ୍ତ ୫ଟି ପଦକ ଜିତିଛି।

# ଇଣ୍ଡୋନେସିଆକୁ ୧୭-୧ ଗୋଲରେ ହରାଇଲା ଭାରତୀୟ ମହିଳା ହକି ଦଳ

**ନାଗୋୟା**

ଏସିଆନ ଗେମ୍ସ ୨୦୨୬ରେ ଭାରତୀୟ ମହିଳା ହକି ଦଳର ବିଜୟ ଯାତ୍ରା ଜାରି ରହିଛି। ସୋମବାର ଦିନ ଗିଫୁ ପ୍ରିଫେକ୍‌ଚରାଲ୍ ଗ୍ରୀନ୍ ଷ୍ଟାଡିୟମରେ ଖେଳାଯାଇଥିବା ପୁଲ୍-ବି'ର ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଇଣ୍ଡୋନେସିଆକୁ ୧୭-୧ ଗୋଲରେ ଏକ ବଡ଼ ବ୍ୟବଧାନରେ ପରାସ୍ତ କରିଛି। ନିଜର ପ୍ରଥମ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ୧୯-୦ରେ ପରାସ୍ତ କରିବା ପରେ ଭାରତୀୟ ଦଳର ଏହା କ୍ରମାଗତ ଦ୍ୱିତୀୟ ଏକତରଫା ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଭାରତୀୟ ଫରୱାର୍ଡ ଖେଳାଳିମାନେ ଇଣ୍ଡୋନେସିଆର ରକ୍ଷଣଭାଗକୁ ସମ୍ପୂର୍ଣ୍ଣ ଭାବେ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ।



ଇଣ୍ଡୋନେସିଆ ବିପକ୍ଷ ମ୍ୟାଚ୍‌ର ଆରମ୍ଭରୁ ହିଁ ଭାରତୀୟ ଖେଳାଳିମାନେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥିଲେ। ଭାରତ ପକ୍ଷରୁ ଦୀପିକା, ରୁତୁଜା ପିସଲ ଏବଂ ନବନୀତ କୌର ଚମତ୍କାର ଖେଳ ପ୍ରଦର୍ଶନ କରି ନିଜ ନିଜର ହ୍ୟାଟ୍ରିକ୍ ପୂରଣ କରିଥିଲେ। ଭାରତର ଆକ୍ରମଣାତ୍ମକ ଖେଳ ଏତିକିରେ ଅଟକି ନଥିଲା। ସାକ୍ଷୀ ରାଣା ୨୫ତମ ମିନିଟରେ, ଦୀପିକା ୨୮ତମ ମିନିଟରେ ଓ ସୁନେଲିତା ଟପ୍ପୋ ୩୦ତମ ମିନିଟରେ ଗୋଲ୍ କରିଥିଲେ। ଏହିପରି ଭାବେ ହାଫ୍-ଟାଇମ୍ ସୁଦ୍ଧା ଭାରତ ୯-୦ରେ ଅଗ୍ରଣୀ ହାସଲ କରିନେଇଥିଲା। ପ୍ରଥମ ହାଫ୍‌ରେ ଭାରତ ପାଖରେ ପ୍ରାୟ ୫୫ ପ୍ରତିଶତ ବଲ୍ ପୋଜେସନ ରହିଥିଲା ଏବଂ ଦଳକୁ ମୋଟ ୯ଟି ପେନାଲ୍ଟି କର୍ଣ୍ଣର ମିଳିଥିବା ବେଳେ ଇଣ୍ଡୋନେସିଆକୁ ମାତ୍ର ଦୁଇଟି ପେନାଲ୍ଟି କର୍ଣ୍ଣର ମିଳିଥିଲା।

ଅଧିନାୟିକା ସଲିମା ଟେଟେ ୩୪ତମ ମିନିଟରେ, ନବନୀତ ୩୫ତମ ମିନିଟରେ, ଇଶିକା ୩୬ତମ ମିନିଟରେ, ରୁତୁଜା ୩୯ତମ ମିନିଟରେ ଏବଂ ଦୀପିକା ୪୦ତମ ମିନିଟରେ ଗୋଲ୍ ସ୍କୋର କରିଥିଲେ। ଏହି ସମୟରେ ଇଣ୍ଡୋନେସିଆର ଇନେସ୍ ଆଦିୟିତା ୩୨ତମ ମିନିଟରେ ଏକ ମାତ୍ର ଗୋଲ୍ କରି ନିଜ ଦଳର ଖାତା ଖୋଲିଥିଲେ। ଏହାପରେ ଭାରତ ଶେଷ କ୍ୱାର୍ଟରରେ ମଧ୍ୟ ଆକ୍ରମଣ ଜାରି ରଖିଥିଲା। ନବନୀତ ୫୫ତମ ଏବଂ ୫୭ତମ ମିନିଟରେ କ୍ରମାଗତ ଦୁଇଟି ଗୋଲ୍ କରିଥିବା ବେଳେ ସାକ୍ଷୀ ରାଣା ୫୭ତମ ମିନିଟରେ ନିଜର ଦ୍ୱିତୀୟ ଗୋଲ୍ ଦେଇଥିଲେ। ପରିଶେଷରେ ଭାରତ ଏହି ମ୍ୟାଚକୁ ୧୭-୧ ବ୍ୟବଧାନରେ ନିଜ ନାମରେ କରିନେଇଥିଲା।

ସୂଚନାଯୋଗ୍ୟ ଯେ ଭାରତୀୟ ମହିଳା ହକି ଦଳ ଏସିଆନ ଗେମ୍ସ ୨୦୨୬ରେ ନିଜର ଅଭିଯାନ ଅତି ଚମତ୍କାର ଶୈଳୀରେ ଆରମ୍ଭ କରିଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତ ଉଜ୍‌ବେକିସ୍ତାନକୁ ୧୯-୦ ବ୍ୟବଧାନରେ ପରାସ୍ତ କରିଥିଲା। ସେହି ମ୍ୟାଚ୍‌ରେ ଦୀପିକା ସେହରାବତ ଏକାକୀ ଆଠଟି ଗୋଲ୍ କରିଥିଲେ। ଯେଉଁଥିରୁ ପାଞ୍ଚଟି ଗୋଲ୍ ପେନାଲ୍ଟି କର୍ଣ୍ଣରରୁ ଆସିଥିଲା। ଇଶିକା ମଧ୍ୟ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଦୀପିକାଙ୍କର ଏହି ପ୍ରଦର୍ଶନ ତାଙ୍କୁ ଏସିଆନ ଗେମ୍ସ ଇତିହାସରେ ଗୋଟିଏ ମ୍ୟାଚ୍‌ରେ ସବୁଠାରୁ ଅଧିକ ଗୋଲ୍ କରିଥିବା ଖେଳାଳି ଭାବେ ଏକ ବିଶ୍ୱ ରେକର୍ଡ ମଧ୍ୟ ଆଣିଦେଇଥିଲା। ବର୍ତ୍ତମାନ ଇଣ୍ଡୋନେସିଆ ବିପକ୍ଷରେ ଆଉ ତିନିଟି ଗୋଲ୍ କରି ସେ ଭାରତର କ୍ରମାଗତ ଦ୍ୱିତୀୟ ବୃହତ୍ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

# କବାଡ଼ିରେ ଭାରତର ଧମାକାଦାର ଆରମ୍ଭ, ଜାପାନକୁ ୪୯-୨୪ରେ ହରାଇଲା



**ନୂଆଦିଲ୍ଲୀ**

୨୦୨୬ ଏସିଆନ୍ ଗେମ୍ସରେ ଭାରତୀୟ ପୁରୁଷ କବାଡ଼ି ଦଳ ବିଜୟରୁ ଏହାର ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ଜାପାନକୁ ୪୯-୨୪ ପଏଣ୍ଟରେ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଭାରତ ୩୧-୯ରେ ବଡ଼ ଅଗ୍ରଣୀ ହାସଲ କରିଥିଲା।

ମ୍ୟାଚ୍ ଆରମ୍ଭରୁ ଭାରତୀୟ ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ଦେଖାଇଥିଲେ। ଅସଲମ ଇନାମଦାର, ଆଶୁ ମଲିକ ଓ ଅୟାନ ଲୋଚବ ଭାରତ ପକ୍ଷରୁ ଚମତ୍କାର ପ୍ରଦର୍ଶନ କରିଥିଲେ। ଏସିଆନ୍ ଗେମ୍ସରେ ଡେବ୍ୟୁ କରୁଥିବା ଅୟାନ ଲୋଚବ ଆରମ୍ଭରୁ ହିଁ ଦମ୍‌ଦାର ରେଡ୍ କରି ଜାପାନର ଡିଫେନ୍ସକୁ ଚାପରେ ରଖିଥିଲେ। ଦେବାଙ୍କ ଦଲାଲ ମଧ୍ୟ ନିଜର ପ୍ରଥମ ଏସିଆନ୍ ଗେମ୍ସ ମ୍ୟାଚରେ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲେ। ଏହି ରଣନୀତି ଯୋଗୁଁ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତ ୩୧-୯ରେ ଆଗୁଆ ଥିଲା।

ଦ୍ୱିତୀୟାର୍ଦ୍ଧରେ ଜାପାନ ପ୍ରଥମାର୍ଦ୍ଧ ତୁଳନାରେ ଭଲ ପ୍ରଦର୍ଶନ କରିଥିଲା। ଜାପାନ ୧୫ ପଏଣ୍ଟ ହାସଲ କରିଥିବା ବେଳେ ଭାରତ ୧୮ ପଏଣ୍ଟ ନିଜ ଖାତାରେ ଯୋଡ଼ିଥିଲା। ପବନ ସେରାୱତ୍ ଆଶାନୁରୂପ ପ୍ରଦର୍ଶନ କରିପାରିନଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ଅସଲମ ଇନାମଦାରଙ୍କ ପ୍ରଦର୍ଶନ ଭାରତକୁ ଅଗ୍ରଣୀ ବଜାୟ ରଖିବାରେ ସହାୟତା କରିଥିଲା। ମ୍ୟାଚରେ ଭାରତ ମୋଟ ୮ଟି ଅଲଆଉଟ୍ ପଏଣ୍ଟ ହାସଲ କରିଥିଲା ଏବଂ ଦୁଇଥର ସୁପର ଟ୍ୟାକଲ୍ କରିଥିଲା। ଅନ୍ୟପକ୍ଷରେ ଜାପାନ ୯ଟି ବୋନସ୍ ପଏଣ୍ଟ ହାସଲ କରିଥିଲା।

ଏସିଆନ୍ ଗେମ୍ସରେ ଭାରତ ଓ ଜାପାନ ମଧ୍ୟରେ ଏହା ଅଷ୍ଟମ ମୁକାବିଲାର ବିଜୟ ଥିଲା। ଏପର୍ଯ୍ୟନ୍ତ ଏସିଆନ୍ ଗେମ୍ସରେ ଜାପାନ କେବେ ମଧ୍ୟ ଭାରତକୁ କବାଡିରେ ପରାସ୍ତ କରିପାରିନାହିଁ।ଭାରତର ପରବର୍ତ୍ତୀ ମ୍ୟାଚ୍ ମଙ୍ଗଳବାର ଦକ୍ଷିଣ କୋରିଆ ବିପକ୍ଷରେ ଖେଳାଯିବ।

ଏସିଆନ୍ ଗେମ୍ସରେ ଏପର୍ଯ୍ୟନ୍ତ ୯ଥର କବାଡ଼ି ସାମିଲ ହୋଇଛି। ଏଥିରୁ ଭାରତୀୟ ପୁରୁଷ ଦଳ ୮ଥର ସ୍ୱର୍ଣ୍ଣ ପଦକ ଜିତିଛି। କେବଳ ୨୦୧୮ ଏସିଆନ୍ ଗେମ୍ସରେ ଭାରତ ଫାଇନାଲରେ ପହଞ୍ଚିପାରିନଥିଲା। ସେହି ସେମିଫାଇନାଲରେ ଇରାନ ଭାରତକୁ ୨୭-୧୮ରେ ପରାସ୍ତ କରିଥିଲା। ୨୦୨୨ ଏସିଆନ୍ ଗେମ୍ସରେ ଭାରତ କବାଡ଼ିରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏବେ ସୁନୀଲ କୁମାରଙ୍କ ନେତୃତ୍ୱରେ ଭାରତୀୟ ଦଳ ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିବା ଲକ୍ଷ୍ୟରେ ରହିଛି।

ଭାରତର ଖାତାରେ ୬ ପଦକ : ଏସିଆନ୍ ଗେମ୍ସ ୨୦୨୬ରେ ଏପର୍ଯ୍ୟନ୍ତ ଭାରତ ମୋଟ ୬ଟି ପଦକ ଜିତିଛି। ଏଥିରୁ ୫ଟି ପଦକ ଶୁଟିଂରୁ ଆସିଥିବା ବେଳେ ଗୋଟିଏ ପଦକ ମିକ୍ସଡ୍ ମାର୍ସାଲ୍ ଆର୍ଟ୍ସ (ଏମଏମଏ)ରୁ ଆସିଛି। ଭାରତର ଖାତାରେ ଏବେ ୪ଟି ସିଲଭର ଓ ୨ଟି ବ୍ରୋଞ୍ଜ ପଦକ ରହିଛି। ମେଡାଲ୍ ଟେବୁଲରେ ଭାରତ ୧୦ମ ସ୍ଥାନରେ ରହିଛି।

# କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେଲା ୭୬ତମ ରାଜ୍ୟ ପୁଲିସ ହକି ଚାମ୍ପିଅନସିପ୍-୨୦୨୬



**ଭୁବନେଶ୍ୱର**

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ସୋମବାର ୭୬ତମ ରାଜ୍ୟ ପୋଲିସ ହକି ଚାମ୍ପିଅନସିପ୍-୨୦୨୬ର ଶୁଭାରମ୍ଭ ହୋଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ତଥା ପୂର୍ବତନ ଆଇପିଏସ୍ ଅଧିକାରୀ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି।

ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ବିଭିନ୍ନ ରେଞ୍ଜ ଓ ବାଟାଲିଅନରୁ ୧୮ଟି ପୋଲିସ ଦଳର ୩୬୦ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ଆସନ୍ତା ୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଚାମ୍ପିଅନସିପ୍‌ର ପ୍ରଥମ ଦିନରେ ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ କମିଶନରେଟ୍-ବି ୬-୦ ଗୋଲ୍‌ରେ କୋରାପୁଟ ଜିଲ୍ଲାକୁ ପରାସ୍ତ କରିଥିଲା। ସେହିପରି ବ୍ରହ୍ମପୁର ଜିଲ୍ଲା ୩-୧ ଗୋଲ୍‌ରେ ଓଏସ୍‌ଏପି ୮ମ ବାଟାଲିୟନ, ଛତ୍ରପୁରକୁ ପରାସ୍ତ କରିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ୪ର୍ଥ ଆଇଆର୍ ବାଟାଲିୟନ୍, ଦେବଗଡ଼ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୨ ଗୋଲ୍‌ରେ ଓଏସ୍‌ଏପି ୩ୟ ବାଟାଲିୟନ୍, କୋରାପୁଟ୍‌କୁ ପରାସ୍ତ କରିଥିବା ବେଳେ ଓଏସ୍‌ଏପି ୪ର୍ଥ ବାଟାଲିୟନ୍, ରାଉରକେଲା ୪-୦ ଗୋଲ୍‌ରେ ଓଆଇଏସ୍‌ଏଫ୍, ଭୁବନେଶ୍ୱରକୁ ପରାସ୍ତ କରିଥିଲା।

ଉଦ୍‌ଘାଟନୀ ସମାରୋହରେ ଶ୍ରୀ ପ୍ରକାଶ ମିଶ୍ର କହିଥିଲେ, ଭାରତୀୟ ହକିର ବିକାଶ ଓ ଲୋକପ୍ରିୟତାରେ ଓଡ଼ିଶାର ଅବଦାନ ଅତୁଳନୀୟ। ଭାରତୀୟ ହକି ଟିମ୍‌କୁ ରାଜ୍ୟ ସରକାରଙ୍କ ନିରନ୍ତର ପୃଷ୍ଠପୋଷକତା ଜାରି ରହିଛି। ଭାରତୀୟ ଜାତୀୟ ହକି ଟିମ୍‌ର ଜର୍ସିରେ 'ଓଡ଼ିଶା' ଲେଖାଯିବା ରାଜ୍ୟବାସୀଙ୍କ ପାଇଁ ଗୌରବର ବିଷୟ। ଓଡ଼ିଶା ପୁଲିସର ମହିଳା ହକି ଦଳ ସର୍ବଭାରତୀୟ ପୁଲିସ ହକି ଟୁର୍ଣ୍ଣାମେଣ୍ଟରେ ତୃତୀୟ ସ୍ଥାନ ହାସଲ କରିବା ଉଲ୍ଲେଖନୀୟ ସଫଳତା।

ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୁଲିସ କମିଶନର, ଭୁବନେଶ୍ୱର-କଟକ ଡା. ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି (କାର୍ମିକ) ପ୍ରବୀଣ କୁମାର, ଅତିରିକ୍ତ ପୋଲିସ କମିଶନର, ଭୁବନେଶ୍ୱର-କଟକ ନରସିଂହ ଭୋଳ, ଆଇଜିପି (କ୍ରାଇମବ୍ରାଞ୍ଚ) ଡା ସାର୍ଥକ ଷଡ଼ଙ୍ଗୀ, ଆଇଜିପି (ପ୍ରୋଭିଜନିଂ) ନୀତି ଶେଖର, ଆଇଜିପି (କେନ୍ଦ୍ରାଞ୍ଚଳ) ଡା ସତ୍ୟଜିତ ନାଏକ, ସପ୍ତମ ବାଟାଲିୟନ୍ କମାଣ୍ଡାଣ୍ଟ ପ୍ରଫୁଲ୍ଲ ସିଂ, ଡେପୁଟି କମାଣ୍ଡାଣ୍ଟ ଅଦୈତ ପ୍ରଧାନ, ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଆସନ୍ତା ୨୩ ତାରିଖରୁ ସୁବର୍ଣ୍ଣପୁରରେ ଆରମ୍ଭ ହେବ ରାଜ୍ୟ ସ୍ତରୀୟ ମର୍ଯ୍ୟାଦାପୂର୍ଣ୍ଣ ସାହାଣୀ କପ୍ ଫୁଟବଲ୍

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ମାସ ୨୩ ତାରିଖ ଠାରୁ ସୁବର୍ଣ୍ଣପୁର ସହରର ଗାନ୍ଧୀ ଷ୍ଟାଡିୟମ ପ୍ରଥମ ଥର ପାଇଁ ଅୟୋଜନ ହେବାକୁ ଥିବା ୬୫ତମ ସାହାଣୀ କପ୍ ଫୁଟବଲ୍ ଲିଗ୍ ୨୦୨୬/୨୭ ପାଇଁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିଅମ୍ ଠାରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଯୁବ ବ୍ୟାପାର ବିଭାଗର ନିର୍ଦ୍ଦେଶ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏହି ସାହାଣୀ କପ୍ ଫୁଟବଲ୍ ଜିଲ୍ଲା କ୍ରୀଡ଼ା ସଂଘ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଆୟୋଜନରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରକାଶ ପାଇଛି। ଚଳିତ ମାସ ୨୩ ତାରିଖ ବୁଧବାର ଦିନ ଠାରୁ ଅକ୍ଟୋବର ୩ ତାରିଖ ଯାଏ ରାଜ୍ୟରେ ଏକା ସାଙ୍ଗରେ ଚାରି ଗୋଟି ଜୋନ୍‌ରେ ଖେଳ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଏହି ସୁବର୍ଣ୍ଣପୁର ଜୋନ୍‌ରେ ରାଜ୍ୟର ୯ ଗୋଟି ଫୁଟବଲ୍ ଦଳ ଅଂଶ ଗ୍ରହଣ କରିବେ ବୋଲି ସୁଚନା ମିଳିଛି। ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଅଫିସିଆଲ୍ ଏହି ମେଗା ବା ମର୍ଯ୍ୟାଦା ପୂର୍ଣ୍ଣ ଫୁଟବଲ୍ ଲିଗ୍‌ର ସମସ୍ତ ବ୍ୟବସ୍ଥା ତଦାରଖ ସହ ପରିଚାଳନାରେ ନଜର ରଖିବେ ବୋଲି ସୁଚନା ମିଳିଛି। ୧୮୦ ଜଣ ଖେଳାଳିଙ୍କ ସହ ଅଫିସିଆଲ୍ ୨୦ ଜଣ ସମୁଦାୟ ୨୦୦ ଜଣ ଅତିଥିଙ୍କ ପାଇଁ ୧୨ ଦିନ ଧରି ଜିଲ୍ଲା କ୍ରୀଡ଼ା ସଂଘ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ରହିବା ଖାଇବା ସମସ୍ତ ବ୍ୟବସ୍ଥା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏଥିପାଇଁ ସ୍ୱତନ୍ତ୍ର କମିଟି ଗଠନ ମାନ କରାଯାଇଛି ବୋଲି ଉପ ସଭାପତି ଶ୍ରୀ ତରାସିଆ ପ୍ରକାଶ କରିଛନ୍ତି। ଏ ଏବଂ ବି ଗ୍ରୁପ୍‌ରେ ଦିନକୁ ୨ ଟି ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ସଂଘର ଜିଲ୍ଲା ଉପ ସଭାପତି ଚିତ୍ତ ରଞ୍ଜନ ତରାସିଆ, ସଂପାଦକ ପୀୟୂଷ ପଣ୍ଡା, ଉପଦେଷ୍ଟା କଇରୁ ସ୍ୱାଇଁ, ଶ୍ରୀବସ୍ତ ମଲ୍ଲିକ, ନାରାୟଣ ଲୁହା, ଗୋବିନ୍ଦ ମହାରଣା, ପୁରୁଷୋତ୍ତମ ପାଣିଗ୍ରାହୀ, ଭୂକୁଲୁ ବକ୍ସି, ଗଣେଶ ମେହେର, ନରସିଂହ ରାଓ, ରାଜେନ୍ଦ୍ର ସାହୁ, ଆଦିତ୍ୟ କିଶୋର ଦାନୀ, ଗତି କୃଷ୍ଣ ମିଶ୍ର, ଦିଗାମ୍ବର ଶତପଥୀ, ବଳରାମ ପଟ୍ଟନାୟକ, ଫୁଟବଲ୍ ସଂପାଦକ ରାଜିବ ସାହୁ ପ୍ରମୁଖ ଯୋଗ ଦେଇ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ ଓ ସମସ୍ତ ବ୍ୟବସ୍ଥା ଉପରେ ମତ ରଖି ଥିଲେ। ବିକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ସ୍ୱର୍ଣ୍ଣ ପଦକ ଜିତିବା ଲକ୍ଷ୍ୟରେ ଲଢ଼ିବେ ଭାରତ-ଶ୍ରୀଲଙ୍କା

**ଆଇଚି-ନାଗୋୟା**

ସଦ୍ୟ ସମାପ୍ତ ଏସିଆ କପ୍-୨୦୨୬ର ଚାମ୍ପିଅନ୍ ହୋଇଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ବର୍ତ୍ତମାନ ଆଇଚି-ନାଗୋୟା ଏସିଆନ୍ ଗେମ୍ସ ୨୦୨୬ର ଫାଇନାଲ୍‌ରେ ପ୍ରବେଶ କରିଛି। ହରମନପ୍ରୀତ କୌରଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଏସିଆ କପ୍ ଫାଇନାଲ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରି ଟ୍ରଫି ଜିତିଥିଲା ଏବଂ ବର୍ତ୍ତମାନ ଏସିଆନ୍ ଗେମ୍ସର ସ୍ୱର୍ଣ୍ଣ ପଦକ ମ୍ୟାଚ୍‌ରେ ପୁଣି ଥରେ ଉଭୟ ଦଳ ମୁହାଁମୁହିଁ ହେବେ।

ଭାରତୀୟ ଦଳ କ୍ୱାର୍ଟର ଫାଇନାଲ୍‌ରେ ଜାପାନକୁ ୫ ଓଭରରେ ହରାଇବା ପରେ, ସେମିଫାଇନାଲ୍‌ରେ ଶେଫାଳୀ ବର୍ମାଙ୍କ ଧୂଆଁଧାର ଶତକ ବଳରେ ବାଂଲାଦେଶକୁ ୧୧୪ ରନ୍‌ରେ ପରାସ୍ତ କରି ଫାଇନାଲ୍‌ରେ ନିଜ ସ୍ଥାନ ପକ୍କା କରିଛି। ଅନ୍ୟପଟେ ପାକିସ୍ତାନକୁ ହରାଇ ଶ୍ରୀଲଙ୍କା ଫାଇନାଲ୍ ଟିକେଟ୍ ହାସଲ କରିଛି। ଫାଇନାଲ୍ ଜିତିବା ଦଳକୁ ସ୍ୱର୍ଣ୍ଣ ପଦକ ମିଳିବାକୁ ଥିବାବେଳେ, ଉପବିଜେତା ଦଳକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିବ।



ଏସିଆନ୍ ଗେମ୍ସ ଇତିହାସରେ ଭାରତୀୟ ମହିଳା ଦଳ ଅପରାଜେୟ ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ମହିଳା ଦଳ ନିଜର ସମସ୍ତ ଖେଳିଥିବା ମ୍ୟାଚ୍ ଜିତିଛନ୍ତି। 'ୱିମେନ୍ ଇନ୍ ବ୍ଲୁ' ହାଙ୍ଗ୍‌ଝୋଉ ୨୦୨୩ ଏସିଆନ୍ ଗେମ୍ସରେ ପ୍ରଥମ ଥର ଫାଇନାଲ୍‌ରେ ପହଞ୍ଚି ଶ୍ରୀଲଙ୍କାକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲା। ବର୍ତ୍ତମାନ ମଧ୍ୟ ଆଇଚି-ନାଗୋୟା ୨୦୨୬ ସିଜନ୍‌ରେ ଭାରତ ମହିଳା ଦଳ ନିଜର ଦବ୍‌ଦବା ବଜାୟ ରଖିଛି।

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଏସିଆନ୍ ଗେମ୍ସ ୨୦୨୬ ମହିଳା କ୍ରିକେଟ୍ ପ୍ରତିଯୋଗିତାର ଏହି ହାଇ-ଭୋଲ୍ଟେଜ୍ ଗୋଲ୍ଡ ମେଡାଲ୍ ମ୍ୟାଚ୍ ମଙ୍ଗଳବାର ୨୨ ସେପ୍ଟେମ୍ବର ୨୦୨୬ରେ ଜାପାନର ନିଶ୍ଚିନ୍ ସହରରେ ଖେଳାଯିବ। ଭାରତୀୟ ସମୟ ଅନୁସାରେ ଏହି ମ୍ୟାଚ୍ ସକାଳ ୧୦:୩୦ ରେ ଆରମ୍ଭ ହେବ ଏବଂ ଏହି ମ୍ୟାଚ୍ ପାଇଁ ଟସ୍ ଅଧ ଘଣ୍ଟା ପୂର୍ବରୁ ଅର୍ଥାତ୍ ସକାଳ ୧୦:୦୦ରେ ପଡ଼ିବ।

ଭାରତରେ ଏହି ଐତିହାସିକ ମ୍ୟାଚ୍‌ର ସିଧାପ୍ରସାରଣ ଟିଭିରେ ସୋନି ସ୍ପୋର୍ଟସ୍ ନେଟୱର୍କର ବିଭିନ୍ନ ଚ୍ୟାନେଲ୍‌ରେ କରାଯିବ। ଡିଜିଟାଲ୍ ଦର୍ଶକଙ୍କ ପାଇଁ ଏହି ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ ସୋନି ଲିଭ୍ ଆପ୍ ଏବଂ ଏହାର ଅଫିସିଆଲ୍ ୱେବସାଇଟ୍‌ରେ ଉପଲବ୍ଧ ରହିବ। ଏହା ବ୍ୟତୀତ ଯେଉଁ ପ୍ରଶଂସକମାନେ କୌଣସି ଶୁଳ୍କ ବିନା ଏହି ମ୍ୟାଚ୍‌ର ଆନନ୍ଦ ନେବାକୁ ଚାହାନ୍ତି, ସେମାନେ ଡିଡି ସ୍ପୋର୍ଟସ୍ ଚ୍ୟାନେଲ୍‌ରେ ସମ୍ପୂର୍ଣ୍ଣ ମାଗଣାରେ ଏହି ମ୍ୟାଚ୍‌ର ସିଧାପ୍ରସାରଣ ଦେଖିପାରିବେ।

ସ୍ୱର୍ଣ୍ଣ ପଦକ ମ୍ୟାଚ୍ ପାଇଁ ଉଭୟ ଦଳର ସ୍କ୍ୱାଡ୍ - ଭାରତୀୟ ମହିଳା ଦଳ : ଶେଫାଳୀ ବର୍ମା, ସ୍ମୃତି ମନ୍ଧାନା, ଗୁନାଲନ କମଳିନୀ, ହରମନପ୍ରୀତ କୌର (ଅଧିନାୟିକା), ଭାରତୀ ଫୁଲମାଲି, ରିଚା ଘୋଷ (ୱିକେଟ୍ କିପର), ଦୀପ୍ତି ଶର୍ମା, ଶ୍ରେୟଙ୍କା ପାଟିଲ, ଶ୍ରୀ ଚରଣୀ, କ୍ରାନ୍ତି ଗୌଡ଼, ନନ୍ଦିନୀ ଶର୍ମା, ରେଣୁକା ସିଂ ଠାକୁର, ଅରୁନ୍ଧତୀ ରେଡ୍ଡୀ, ରାଧା ଯାଦବ।

ଶ୍ରୀଲଙ୍କା ମହିଳା ଦଳ : ଚମାରୀ ଅଟାପଟ୍ଟୁ, ଅନୁଷ୍କା ସଞ୍ଜୀବନୀ, ହର୍ଷିତା ସମରବିକ୍ରମା, ଇମେଶା ଦୁଲାନୀ, କବିଶା ଦିଲହାରୀ, ହାସିନୀ ପେରେରା, ସୁଗନ୍ଧିକା କୁମାରୀ, ସଞ୍ଜନା କବିନ୍ଦୀ, ହଂସିମା କରୁଣାରତ୍ନେ, କୌଶିନୀ ନୁଥ୍ୟାଙ୍ଗନା, ନିମାଶା ମୀପେଜ୍, ରଶ୍ମିକା ସେବନ୍ଦୀ, ଚାମୁଦୀ ପ୍ରବୋଧା, ମିତାଲୀ ଅଯୋଧା, କାବ୍ୟା କବିନ୍ଦୀ।

# ଟେବୁଲ୍ ଟେନିସ୍ : ପାକିସ୍ତାନକୁ ୩-୦ରେ ହରାଇ କ୍ୱାର୍ଟରଫାଇନାଲରେ ଭାରତ

**ନୂଆଦିଲ୍ଲୀ**

୨୦୨୬ ଏସିଆନ୍ ଗେମ୍ସରେ ଭାରତୀୟ ମହିଳା ଟେବୁଲ୍ ଟେନିସ୍ ଦଳର ଦମ୍‌ଦାର ପ୍ରଦର୍ଶନ। ପାକିସ୍ତାନକୁ ୩-୦ରେ ପରାସ୍ତ କରି ଭାରତ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଏହି ବିଜୟ ସହ ଟିମ୍ ଇଣ୍ଡିଆ ଗ୍ରୁପ୍-ଏଫରେ ନିଜର ତିନିଟି ଯାକ ମ୍ୟାଚ୍ ଜିତିଛି।

ଟେବୁଲ୍ ଟେନିସ୍ ଟିମ୍ ଇଭେଣ୍ଟରେ ବେଷ୍ଟ-ଅଫ୍-୫ ଫର୍ମାଟରେ ମ୍ୟାଚ୍ ଖେଳାଯାଏ। ପାଞ୍ଚଟି ଗେମ୍ ମଧ୍ୟରୁ ଯେଉଁ ଦଳ ପ୍ରଥମେ ତିନୋଟି ଗେମ୍ ଜିତେ, ସେହି ଦଳକୁ ବିଜୟୀ ଘୋଷଣା କରାଯାଏ। ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତ ଆରମ୍ଭରୁ ହିଁ ଦବ୍‌ଦବା ଦେଖାଇଥିଲା। ପ୍ରଥମ ଗେମରେ ସୁତୀର୍ଥା ମୁଖାର୍ଜୀ ପାକିସ୍ତାନର ଅଲିନା ଖାନଙ୍କୁ ୧୧-୩, ୧୧-୩, ୧୧-୪ରେ ପରାସ୍ତ କରିଥିଲେ। ଏହି ମୁକାବିଲା ମାତ୍ର ପ୍ରାୟ ୧୦ ମିନିଟରେ ଶେଷ ହୋଇଥିଲା। ଦ୍ୱିତୀୟ ଗେମରେ ସିନଡ୍ରେଲା ଦାସ, କାଲସୁମ୍ ଖାନଙ୍କୁ ୧୧-୬, ୧୧-୭, ୧୧-୫ରେ ସିଧାସଳଖ ସେଟ୍‌ରେ ହରାଇ ଥିଲେ। ଫଳରେ ଭାରତ ୨-୦ରେ ଆଗୁଆ ହୋଇଥିଲା।

ତୃତୀୟ ମୁକାବିଲାରେ ଶ୍ରୀଜା ଅକୁଲା ଓ ଫାତିମା ଖାନଙ୍କ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଶ୍ରୀଜା ୧୧-୪, ୧୧-୪, ୧୧-୫ରେ ଫାତିମାଙ୍କୁ ପରାସ୍ତ କରିବା ସହ ଭାରତକୁ ୩-୦ରେ ବିଜୟ ଦେଇଥିଲେ। ଭାରତ ପ୍ରଥମ ତିନୋଟି ଗେମ୍ ଜିତିଯିବାରୁ ଅବଶିଷ୍ଟ ଦୁଇଟି ମ୍ୟାଚ୍ ଖେଳିବାର ଆବଶ୍ୟକତା ପଡ଼ିନଥିଲା।



ଭାରତୀୟ ମହିଳା ଟେବୁଲ୍ ଟେନିସ୍ ଦଳ ଗ୍ରୁପ୍-ଏଫରେ ନିଜର ତିନୋଟି ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ପ୍ରଥମ ମ୍ୟାଚରେ ଭାରତ ଇଣ୍ଡୋନେସିଆକୁ ୩-୦ରେ ପରାସ୍ତ କରିଥିଲା। ଏହାପରେ ସିଙ୍ଗାପୁର ବିପକ୍ଷରେ ମୁକାବିଲା କଡ଼ା ହୋଇଥିଲେ ମଧ୍ୟ ଭାରତ ୩-୨ରେ ବିଜୟୀ ହୋଇ ଥିଲା। ତୃତୀୟ ମ୍ୟାଚରେ ପାକିସ୍ତାନକୁ ୩-୦ରେ ହରାଇ ଭାରତ ନକଆଉଟ୍ ପର୍ଯ୍ୟାୟରେ ସ୍ଥାନ ପକ୍କା କରିଛି।

# ପୁଅର ପ୍ରରୋଚନାରେ ବାପାଙ୍କୁ ଜେଲ୍ ପଠାଇଲା ପୁଲିସ

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାପ ପୁଅ ଘରୋଇ କଳି ଏବେ ସମସ୍ତଙ୍କୁ ବ୍ୟଥିତ କରୁଛି। ବାପ ପୁଅର ଘରୋଇ ଗଣ୍ଡଗୋଳର ସମାଧାନ କରିବାକୁ ପୋଲିସର ସହାୟତା ନେବାକୁ ଯାଇ ପୁଅର ପ୍ରରୋଚନାରେ ପୋଲିସ ବାବୁ ନିଶା କାରବାର କରୁଥିବା ଅପରାଧରେ ବାପକୁ ଦେଲେ ଜେଲ ଯନ୍ତ୍ରଣା। ଏହିପରି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ସୋମବାର ଜଳେଶ୍ୱର ମ୍ୟୁନିସିପାଲଟି ପଥରପୁରା ଗ୍ରାମରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ତଥ୍ୟ ପ୍ରଦାନ କରିଛନ୍ତି ବାପା। ୬ମାସ ଜେଲରେ ରହି ବେଲ୍‌ରେ ଆସିଥିବା ମୀର ସିଦ୍ଦିଜ ନାମକ ୫୮ବର୍ଷର ବ୍ୟକ୍ତି। ସୂଚନାନୁଯାୟୀ ପଥରପୁରା ଗ୍ରାମର



ମୀର ସିଦ୍ଦିଜ ନାମକ ବ୍ୟକ୍ତି ଓ ତା'ର ବଡ଼ ପୁଅ ଏକ ମାର୍ବଲ ଟାଇଲ୍ ଦୋକାନ କରି ଚଳୁଥିଲେ। ମାତ୍ର ଦୋକାନରେ କାର୍ଯ୍ୟକରିବା ପାଇଁ ରହୁଥିବା ଜନୈକ ଯୁବକ ସହିତ ବଡ଼ ପୁଅ ମିଶି ଦୋକାନରୁ ଟାଇଲ ଚୋରି କରୁଥିବା ନେଇ ବାପା ଓ ପୁଅ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା ଯାହାର ସମାଧାନ ପାଇଁ ପ୍ରଥମେ ଗ୍ରାମ କମିଟି ପରେ ଥାନା ପର୍ଯ୍ୟନ୍ତ ଯାଇଥିଲା। ମାତ୍ର କୌଣସି ସମାଧାନ ନହେବାରୁ ପରବର୍ତ୍ତୀ ସମୟରେ ଜେ.ଏମ.ଏଫ.ସି ଜଳେଶ୍ୱର କୋର୍ଟରେ ମାମଲା ନଂ ୧୪୨/୨୦ ଓ ଦୋକାନରୁ ପୁଅକୁ ବେଦଖଲ କରିବା ପାଇଁ ସିଭିଲ ଜଜ (ସିନିୟର ଡିଭିଜନ)ଙ୍କ କୋର୍ଟରେ ଦେୱାନୀ (ସିଭିଲ) ମକଦ୍ଦମା ଦାୟର କରିଥିଲେ। ମାତ୍ର ଏହି ଅବସରରେ ଜଳେଶ୍ୱର ଥାନାର ଅଧିକାରୀଙ୍କୁ ହାତ କରି ଏକ ଏନଡିପିଏସ ମାମଲାରେ ମିଥ୍ୟା କେଶ୍ କରି ବାପ ମୀର ସିଦ୍ଧିକକୁ ଜେଲକୁ ପଠାଇ ଦେଇଥିଲେ। ଶ୍ରୀ ମୀର ସିଦ୍ଧିକ ଛ' ମାସ ଜେଲ୍‌ରୁ ବାହାରି ନିଜକୁ ସମ୍ଭାଳି ନପାରି ନିଜର କୋହ ଟିକୁ ଗ୍ରାମରେ କହିଥିଲା।ପରିଶେଷରେ ପୋଲିସ ମହାନିର୍ଦ୍ଦେଶକ (ଡିଜି) ଓଡ଼ିଶା ତଥା ପୋଲିସ ଆରକ୍ଷୀ ଅଧିକ୍ଷକ (ଏସ୍‌ପି) ବାଲେଶ୍ୱର ଲିଖିତ ଦେବା ସହିତ ଏକ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ତଥ୍ୟ ଦେଇ କହିଥିଲେ କି ମୋର ଉପରେ ଲାଗିଥିବା ସମ୍ପୂର୍ଣ୍ଣ ମିଥ୍ୟା। ତେଣୁ ଉକ୍ତ କେଶର ତଦନ୍ତ ସିବିଆଇ ଦ୍ୱାରା କରାଯାଉ ପ୍ରକାଶ କରିଥିଲେ।

# ଯାଜପୁର ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଗଣତନ୍ତ୍ରର ମହାପର୍ବରେ ପ୍ରତ୍ୟେକ ଭୋଟରଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ, ଯାଜପୁର ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର)-୨୦୨୬ ପ୍ରକ୍ରିୟା ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ବର କୁମାର କର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି।

ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ସମୟରେ ଯାଜପୁର ଜିଲ୍ଲାରେ ମୋଟ ୧୫,୩୭,୧୦୧ ଜଣ ଭୋଟର ଥିଲେ। ସଂଶୋଧନ ପ୍ରକ୍ରିୟା ସମୟରେ ୧୨,୮୫୭ ଜଣ ନୂତନ ଭୋଟରଙ୍କ ନାମ ତାଲିକାରେ ସାମିଲ ହୋଇଥିବା ବେଳେ ୧,୦୬,୩୧୩ ଜଣଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି। ଏହା ପରେ ଜିଲ୍ଲାରେ ଚୂଡ଼ାନ୍ତ ଭୋଟର ସଂଖ୍ୟା ୧୪,୪୩,୬୪୫ ଜଣ ହୋଇଛି।

ତନ୍ମଧ୍ୟରୁ ୪୮-ବିଂଝାରପୁର (ଏସ୍‌ସି) ନିର୍ବାଚନମଣ୍ଡଳୀରେ ମୋଟ ୨,୧୪,୫୨୯ ଜଣ, ୪୯-ବରୀ ନିର୍ବାଚନମଣ୍ଡଳୀରେ ମୋଟ ୨,୧୩,୭୪୨ ଜଣ, ୫୦-ବଡ଼ଚଣା ନିର୍ବାଚନମଣ୍ଡଳୀରେ ମୋଟ ୧,୭୬,୨୯୦ ଜଣ, ୫୧-ଧର୍ମଶାଳା ନିର୍ବାଚନମଣ୍ଡଳୀରେ ମୋଟ ୨,୧୯,୫୭୦ ଜଣ, ୫୨-ଯାଜପୁର ନିର୍ବାଚନମଣ୍ଡଳୀରେ ମୋଟ ୨,୩୦,୧୬୩ ଜଣ, ୫୩-କୋରେଇ ନିର୍ବାଚନ ମଣ୍ଡଳୀରେ ମୋଟ ୧,୯୫,୪୧୧ ଜଣ ଏବଂ ୫୪-ସୁକିନ୍ଦା ନିର୍ବାଚନମଣ୍ଡଳୀରେ ମୋଟ ୧,୯୩,୯୪୦ ଜଣ ଭୋଟରଙ୍କ ନାମ ଚୂଡ଼ାନ୍ତ ତାଲିକାରେ ପ୍ରକାଶ ପାଇଛି। ଚୂଡ଼ାନ୍ତ ଭୋଟର ତାଲିକା ଅନୁସାରେ ଜିଲ୍ଲାରେ ୭,୫୧,୩୯୩ ଜଣ ପୁରୁଷ, ୬,୯୨,୧୯୪ ଜଣ ମହିଳା ଏବଂ ୫୮ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି।

ବୟସ ବର୍ଗ ଅନୁସାରେ, ଜିଲ୍ଲାରେ ୧୮ରୁ ୨୯ ବର୍ଷ ବୟସର ୨,୯୦,୬୧୮ ଜଣ, ୩୦ରୁ ୫୯ ବର୍ଷ ବୟସର ୮,୮୦,୮୪୭ ଜଣ , ୬୦ରୁ ୯୯ ବର୍ଷ ବୟସର ୨,୭୨,୦୪୦ ଜଣ ଏବଂ ୧୪୦ ଜଣ ଶତାୟୁ ଭୋଟର ଚୂଡ଼ାନ୍ତ ତାଲିକାରେ ସାମିଲ ଅଛନ୍ତି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଯଥା- ୪୮-ବିଞ୍ଝାରପୁର (ଏସ୍‌ସି) – ଲମ୍ବୋଦର ଖୁଣ୍ଟିଆ, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଯାଜପୁର, ୪୯-ବରୀ-ପଲ୍ଲବୀ ରାଣୀ ରାଜ, ଅତିରିକ୍ତ ଉପଜିଲ୍ଲାପାଳ, ୫୦-ବଡ଼ଚଣା- ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ୫୧-ଧର୍ମଶାଳା-ଯୁଧିଷ୍ଠିର ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ୫୨-ଯାଜପୁର-ତାପସ ରଞ୍ଜନ ଦେହୁରୀ, ଉପଜିଲ୍ଲାପାଳ, ୫୩-କୋରେଇ-ଦେବୀପ୍ରସାଦ ମହାନ୍ତି, ମୁଖ୍ୟ ଉନ୍ନୟନ ତଥା ନର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ୫୪-ସୁକିନ୍ଦା-ସପନ କୁମାର ନନ୍ଦ, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର, ଡେପୁଟି କଲେକ୍ଟର ଅଶୋକ କୁମାର ଦେହୁରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ଭୋଟରଙ୍କୁ ଚୂଡ଼ାନ୍ତ ଭୋଟର ତାଲିକାରେ ନିଜର ନାମ ଓ ଭୋଟର ବିବରଣୀ ଯାଞ୍ଚ କରିନେବାକୁ ଅନୁରୋଧ କରାଯାଇଛି। ଭୋଟର ତାଲିକାରେ କୌଣସି ତ୍ରୁଟି କିମ୍ବା ସଂଶୋଧନର ଆବଶ୍ୟକତା ଥିଲେ, ନିର୍ବାଚନ ଆୟୋଗଙ୍କ ନିର୍ଦ୍ଧାରିତ ନିୟମ ଓ ପ୍ରକ୍ରିୟା ଅନୁସାରେ ଆବେଦନ କରାଯାଇପାରିବ।





## ଓଡ଼ିଶାର ୟୁଏଇ ନିବେଶ ଅଭିଯାନରେ ବଡ଼ ସଫଳତା

# ୨.୪୩ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ : ୬.୧୮ ଲକ୍ଷ ନିଯୁକ୍ତି ସୁଯୋଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସଂଯୁକ୍ତ ଆରବ ଏମିରେଟ୍ସରେ ହୋଇଥିବା ତିନି ଦିନିଆ ନିବେଶ ଅଭିଯାନରୁ ୨,୪୩,୧୬୨ କୋଟି ଟଙ୍କାର ପ୍ରସ୍ତାବିତ ପୁଞ୍ଜିନିବେଶ ଏବଂ ୬.୧୮ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ସହିତ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ଏକ ବଡ଼ ପ୍ରୋତ୍ସାହନ ମିଳିଛି । ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆବୁଧାବି ଏବଂ ଦୁବାଇ ଗସ୍ତ କରିଥିଲେ, ଯେଉଁଠାରେ ସେମାନେ ୪୬ଟି ୱାନ୍-ଟୁ-ୱାନ୍ (ସିଧାସଳଖ) ବିନିଯୋଗକାରୀ ବୈଠକ ଏବଂ ୬ଟି ଗୋଲଟେବୁଲ୍ ଆଲୋଚନାରେ ଭାଗ ନେଇଥିଲେ । ଏହି ଗସ୍ତରୁ ୨୪ଟି ବୁଝାମଣାପତ୍ର ଏବଂ ନିବେଶ ପ୍ରସ୍ତାବ ମିଳିଛି, ଯାହା ଓଡ଼ିଶାରେ ଗଲ୍ଫ-ଭିତ୍ତିକ ବ୍ୟବସାୟଗୁଡ଼ିକର ପ୍ରବଳ ଆଗ୍ରହକୁ ପ୍ରତିଫଳିତ କରୁଛି । ଗସ୍ତର ଶେଷ ଦିନରେ ଦୁବାଇରେ 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍-ୟୁଏଇ ୨୦୨୬' ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ୟୁଏଇ ବ୍ୟବସାୟିକ ସମୁଦାୟର ପ୍ରାୟ ୪୦୦ ବ୍ୟବସାୟିକ ନେତୃତ୍ୱ, ନିବେଶକ ଏବଂ ସଦସ୍ୟ ଯୋଗ ଦେଇଥିଲେ । ସେହି ଦିନ ହୋଇଥିବା ନିବେଶ ପ୍ରସ୍ତାବଗୁଡ଼ିକରେ ଯାତ୍ରା ଓ ପର୍ଯ୍ୟଟନ, ଲଜିଷ୍ଟିକ୍ସ, ଆର୍ଥିକ ନିବେଶ, ଏଲ୍ଏନଜି ସଂରକ୍ଷଣ, ସବୁଜ ଶକ୍ତି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଡାଟା ସେଣ୍ଟର, ବିରଳ ମୃତ୍ତିକା, ଜାହାଜ ମରାମତି, ପ୍ରୋପେଲାଣ୍ଟ ଉତ୍ପାଦନ, ସାର ଓ କେମିକାଲ୍ସ, ଗୃହ ନିର୍ମାଣ, ଇସ୍ପାତ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ ଆଦି ଅନ୍ତର୍ଭୁକ୍ତ ଥିଲା । ଜାହାଜ ମରାମତି ପାଇଁ ଡାଲୱାନ ମେରାଇନ୍ ଏବଂ ଟର୍ବୋ ପାୱାର ଇଞ୍ଜିନିୟରିଂ, ପ୍ରୋପେଲାଣ୍ଟ ଉତ୍ପାଦନ କାରଖାନା ପାଇଁ ଆୟନ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ଏବଂ ସାର ଓ କେମିକାଲ୍ସ ପାଇଁ ଆଗ୍ରିଫିଲ୍ଡସ୍ ଏଫ୍ଜେଡ୍‌ଓ ଠାରୁ ମଧ୍ୟ ନିବେଶ ପ୍ରସ୍ତାବ ମିଳିଛି ।

## ଇଲ୍ମା ପକ୍ଷରୁ ପ୍ରଫେସର ଘନଶ୍ୟାମ ଦାଶ ସ୍କଲାରସିପ୍ ୨୦୨୬-୨୭ ପାଇଁ ଆବେଦନ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



PROFESSOR GHANASHYAM DASH SCHOLARSHIP

ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ପ୍ରଫେସର ଘନଶ୍ୟାମ ଦାଶ ସ୍କଲାରସିପ୍ ଫର୍ ହାୟର ଏଡୁକେସନ୍ (ପିଜିଡିଏସ)ର ୨୨ତମ ସଂସ୍କରଣ, ୨୦୨୬-୨୭ ପାଇଁ ଆବେଦନ ଆହ୍ୱାନ କରାଯାଇଛି । ଏହି ସ୍କଲାରସିପ୍ ଇଞ୍ଜିନିୟରିଂ, ମେଡିସିନ୍, ଏସ ଟି ଇ ଏମ୍ ଏବଂ ଲିବରାଲ୍ ଆର୍ଟସ୍‌ରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରେ । ମନୋନୀତ ଛାତ୍ରଛାତ୍ରୀମାନେ ଚାରି ବର୍ଷର ପାଠ୍ୟକ୍ରମ ପାଇଁ ଶିକ୍ଷାଗତ ଫି' ଓ ଯୋଗ୍ୟ ଖର୍ଚ୍ଚର ୯୦ ପ୍ରତିଶତ ପର୍ଯ୍ୟନ୍ତ, ସର୍ବାଧିକ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ସ୍କଲାରସିପ୍ ଭାବେ ପାଇପାରିବେ । ପ୍ରସିଦ୍ଧ ଐତିହାସିକ ତଥା ସ୍ୱର୍ଗତ ଶ୍ରୀମତୀ ଇଲା ପଣ୍ଡାଙ୍କ ପିତା ସ୍ୱର୍ଗତ ପ୍ରଫେସର ଘନଶ୍ୟାମ ଦାଶଙ୍କ ନାମରେ ନାମିତ ଏହି ସ୍କଲାରସିପ୍ ୨୦୦୫ ମସିହାରେ ଇଲ୍ମା ପକ୍ଷରୁ ପ୍ରତିଷ୍ଠିତ ହୋଇଥିଲା । ଶିକ୍ଷାକୁ ପରିବର୍ତ୍ତନର ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ କରିବା ଏବଂ କୌଣସି ଯୁବପିଢ଼ି ଯେପରି ସୁଯୋଗରୁ ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ଏହି ସ୍କଲାରସିପ୍‌ର ମୁଖ୍ୟ ଉଦ୍ଦେଶ୍ୟ । ୨୦୧୬ ମସିହାଠାରୁ ବିଆଇପିଏଫ୍ ଏହି ମହତ୍ ଉତ୍ତରାଧିକାରକୁ ଆଗେଇ ନେଇଆସୁଛି । ବର୍ଷକ୍ରମେ ପିଜିଡିଏସର ସ୍କଲାରମାନେ ଦେଶର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ସ୍ଥାନ ପାଇଛନ୍ତି । ଏଥିରେ ଏଆଇଆଇଏମ୍ଏସ୍, ଆଇଆଇଟି, ଆଇଆଇଆଇଟି, ଏନ୍ଆଇଟି, ଏସ୍‌ସିବି ମେଡିକାଲ୍ କଲେଜ୍ ସମେତ ଅନ୍ୟାନ୍ୟ ଅଗ୍ରଣୀ ମେଡିକାଲ୍ ଓ ଇଞ୍ଜିନିୟରିଂ କଲେଜ୍ ଅନ୍ତର୍ଭୁକ୍ତ । ଆର୍ଥିକ ସହାୟତା ବ୍ୟତୀତ, ଫାଉଣ୍ଡେସନ୍ ପକ୍ଷରୁ 'ଉତ୍ସାହ' ନାମକ ଏକ ସୁସଂଗଠିତ ମେଣ୍ଟରଶିପ୍ କାର୍ଯ୍ୟକ୍ରମ ମଧ୍ୟ ପ୍ରଦାନ କରାଯାଏ । ଏହି କାର୍ଯ୍ୟକ୍ରମରେ ଶିକ୍ଷାଗତ ଉତ୍କର୍ଷ, କ୍ୟାରିୟର ମାର୍ଗଦର୍ଶନ, ସମୟ ପରିଚାଳନା, ମାନସିକ ସୁସ୍ଥତା, ଜୀବନ କୌଶଳ, ନେତୃତ୍ୱ ଏବଂ ଯୋଗାଯୋଗ ଦକ୍ଷତା ଆଦି ଉପରେ ଗୁରୁତ୍ୱ ଦିଆଯାଏ । ଓଡ଼ିଶାର ଅଧିବାସୀ ଏବଂ ଚଳିତ ବର୍ଷ ଏନ୍ଇଇଟି, ଜେଇଇ, ଜେଇଇ ଆଡଭାନ୍ସ କିମ୍ବା ସିୟୁଇଟି ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବା ଛାତ୍ରଛାତ୍ରୀମାନେ ଯୋଗ୍ୟତାର ବିସ୍ତୃତ ମାନଦଣ୍ଡ ଜାଣିବା ଏବଂ ଆବେଦନ କରିବା ପାଇଁ www.bipf.org.in ୱେବସାଇଟ୍ ପରିଦର୍ଶନ କରିପାରିବେ । ଆବେଦନର ଶେଷ ତାରିଖ ୩୦ ଅକ୍ଟୋବର ୨୦୨୬ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାତ୍ୟା ସମ୍ଭାବନା...

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ବର୍ତ୍ତମାନ ପରିପ୍ରେକ୍ଷୀରେ ବାତ୍ୟାର ସମ୍ଭାବନା ନାହିଁ । ତେବେ ଦକ୍ଷିଣାଞ୍ଚଳ ଜିଲ୍ଲାମାନଙ୍କରେ ଲଘୁଚାପଜନିତ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏଥିପାଇଁ ଦକ୍ଷିଣ ଓଡ଼ିଶାରେ ସମ୍ଭାବ୍ୟ ପ୍ରବଳ ବର୍ଷା ଉପରେ ନଜର ରଖାଯାଇଛି । ଏହି ଦୃଷ୍ଟିରୁ ଶତ ପ୍ରତିଶତ ପ୍ରସ୍ତୁତି ଓ ସଜାଗ ରହିବାକୁ ସେ ସଂପୃକ୍ତ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଜିଲ୍ଲାପାଳଙ୍କୁ ନିଜ ନିଜ ଜିଲ୍ଲାର ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ପ୍ରସ୍ତୁତି ଓ ପ୍ରତିକାରମୂଳକ ପଦକ୍ଷେପ ସୁନିଶ୍ଚିତ କରିବାକୁ କୁହାଯାଇଛି । ପ୍ରସ୍ତୁତିକୁ କୌଣସି ପ୍ରକାର ହାଲୁକା ଭାବେ ନ ନେବାକୁ ସେ ସମସ୍ତ ବିଭାଗକୁ ସତର୍କ କରିଛନ୍ତି । ସମସ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ସମ୍ପୂର୍ଣ୍ଣ ସତର୍କ ରହି ଆବଶ୍ୟକ ପ୍ରସ୍ତୁତି ନେବାକୁ କୁହାଯାଇଛି । ଆଭାସୀ ମାଧ୍ୟମରେ ଯୋଗଦେଇ ଥିବା ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଜିଲ୍ଲାରେ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପଚାରି ବୁଝିଥିଲେ । ଗଂଜାମ, ଗଜପତି ଓ ମାଲକାନଗିରି ପ୍ରଭୃତି ଜିଲ୍ଲାପାଳ ତଥା ଏଡିଏମ୍ ମାନଙ୍କ ସହିତ ଆଲୋଚନା କରି ସ୍ଥିତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ବର୍ଷାର ପରିମାଣ ବୃଦ୍ଧି ପାଇଲେ ତଳିଆ ଅଞ୍ଚଳ, ଜଳ ନିଷ୍କାସନ ବ୍ୟବସ୍ଥା ଓ ନଦୀ ଅବବାହିକାରେ ସମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ପୂର୍ବ ପ୍ରସ୍ତୁତି ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ଭାବ୍ୟ ପ୍ରଭାବିତ ହେବାକୁ ଥିବା ଜିଲ୍ଲାରେ ସଂପୃକ୍ତ ଅଧିକାରୀମାନଙ୍କ ଛୁଟି ବାତିଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ନ ପ୍ରସବା ମହିଳାଙ୍କ କ୍ଷେତ୍ରରେ ଆଗୁଆ ପଦକ୍ଷେପ ସ୍ୱରୂପ ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦିଆଯାଇଛି । ଜଳସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ଜଳଭଣ୍ଡାରର ଜଳସ୍ତର ଓ ଜଳ ପରିଚାଳନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ବାଲିମେଳା ଓ କୋଲାବ ଜଳଭଣ୍ଡାରରେ ଜଳସ୍ତର ସ୍ୱାଭାବିକ ରହିଥିବାରୁ ଆଗାମୀ ବର୍ଷାଜଳ ଧାରଣ ପାଇଁ ସେଠାରେ ଯଥେଷ୍ଟ କ୍ଷମତା ରହିଛି । ତେବେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳଭଣ୍ଡାର କ୍ଷମତାର ପ୍ରାୟ ୮୪ ପ୍ରତିଶତ ଜଳ ଥିବାରୁ ଆବଶ୍ୟକତା ଅନୁଯାୟୀ ଜଳସ୍ତର କମାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ତେଲେଙ୍ଗିରି ଜଳସେଚନ ପ୍ରକଳ୍ପର ସ୍ଥିତି ମଧ୍ୟ ସମୀକ୍ଷା କରାଯାଇଥିଲା ଏବଂ ଅଧିକ ବର୍ଷାଜଳକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରସ୍ତୁତି ସହ ଜଳ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି । ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଯେଉଁ ସ୍ଥାନରେ ଜଳ ନିଷ୍କାସନ, ଡ୍ରେନେଜ୍ କିମ୍ବା ଅନ୍ୟାନ୍ୟ ସମସ୍ୟା ହେବାର ଆଶଙ୍କା ରହିଛି, ସେଠାରେ ପୂର୍ବରୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି । ବନ୍ଧ, ତଟବନ୍ଧ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ସତର୍କ ନଜର ରଖିବା ସହ ଆବଶ୍ୟକ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦକ୍ଷିଣ ଓଡ଼ିଶାର ସମସ୍ତ ନଦୀ ଓ ଜଳ ଭଣ୍ଡାରଗୁଡ଼ିକରେ ଜଳସ୍ତର ପ୍ରତି ନଜର ରଖାଯିବା ସହ ଅଧିକ ଜଳ ସମ୍ଭାବନା କ୍ଷେତ୍ରରେ ଜଳ ନିଷ୍କାସନ ପରିଚାଳନା କରାଯିବ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବୈଠକରେ ସୂଚନା ଦେଇଥିଲେ । ଏସଆରସିଙ୍କ ପକ୍ଷରୁ କୁହାଯାଇଛି ଯେ, ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବନ୍ୟା-ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡ଼ିକରେ ବିଦ୍ୟୁତ୍ ବ୍ୟବସ୍ଥା ଓ ଆନୁଷଙ୍ଗିକ ସୁବିଧା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ୍ରାଫ୍ ଏବଂ ଏନଡିଆରଏଫ ଟିମ୍ ମୁତୟନ ପାଇଁ ପଦକ୍ଷେପ ନିଆଯାଇଛି । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରହିବ । ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ଆବଶ୍ୟକ ସତର୍କତା ଓ ପ୍ରସ୍ତୁତି ନିଶ୍ଚିତ କରାଯିବ । ସମସ୍ତ ମତ୍ସ୍ୟଜୀବୀଙ୍କୁ ସୋମବାର ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ମାଛ ଧରିବା ପାଇଁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି । ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନେ ମଧ୍ୟ ନିରାପଦ ସ୍ଥାନକୁ ଫେରିଆସିବା ପାଇଁ ପରାମର୍ଶ ଦିଆଯାଇଛି । ଏଥିପାଇଁ ମତ୍ସ୍ୟ ଓ ପ୍ରାଣୀ ପାଳନ ବିଭାଗ ପକ୍ଷରୁ ଆବଶ୍ୟକ ସୂଚନା ପ୍ରଦାନ ପାଇଁ ପଦକ୍ଷେପ ନିଆଯାଇଛି । ସମ୍ଭାବ୍ୟ ପାଣିପାଗ ପରିସ୍ଥିତିକୁ ନେଇ ସମ୍ପୃକ୍ତ ସମସ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ସମନ୍ୱୟରେ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

### ପୁରୀରୁ ଦକ୍ଷିଣକୁ ...

ଜଳମଗ୍ନ ହୋଇପାରେ । ସେହିପରି ସହରୀ ବନ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ ବୋଲି କହିଛନ୍ତି ଆଇଏମଡି ଡିଜି ।

### ଗୃହ ସୁଚାରୁ ...

ସେହିପରି କଂଗ୍ରେସ ମଧ୍ୟ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ପଛଘୁଞ୍ଚା ଦେବନାହିଁ ବୋଲି ସ୍ପଷ୍ଟ କରିଛି । ବୈଠକ ପରେ କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ, ବିଧାନସଭାକୁ ସୁରୁଖୁରୁରେ ଚଳାଇବାକୁ ବାଚସ୍ପତି କହିଛନ୍ତି । ଆମେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଯେଉଁ ପ୍ରସ୍ତାବ ଦେଉଛୁ ତାକୁ ଆଲୋଚନା ପାଇଁ କହିଛୁ । ଏମଏମଡିଆର ଆକ୍ଟ ଓ ପାଠ୍ୟପୁସ୍ତକ ତ୍ରୁଟିକୁ ଆଲୋଚନା ପାଇଁ ଆମେ କହିଛୁ । ଆମେ ଏ ପ୍ରସଙ୍ଗକୁ ଜୋରଦାର ଢଙ୍ଗରେ ଉଠାଇବୁ ଓ ଏହାକୁ ଆଲୋଚନାକୁ ନେବାକୁ ଦାବି କରିବୁ । ଏଥିସହିତ ରାଜ୍ୟ ସରକାରଙ୍କ ବାରମ୍ବାର ବିବୃତି ସତ୍ତ୍ୱେ ମହାନଦୀ ଜଳ ବିବାଦର ସ୍ଥାୟୀ ସମାଧାନ ନହେବା ପ୍ରସଙ୍ଗକୁ ମଧ୍ୟ କଂଗ୍ରେସ ଜୋରଦାର ଭାବେ ଉଠାଇବ ବୋଲି ସେ ଦୋହରାଇଛନ୍ତି । ସୂଚନାଯୋଗ୍ୟ, ଆସନ୍ତାକାଲିଠୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନରେ ମୋଟ ୯ଟି କାର୍ଯ୍ୟଦିବସ ରହିଛି । ଚଳିତ ଅଧିବେଶନ କାଳରେ ଗୃହରେ ସରକାର ଛଅଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବାକୁ ପ୍ରସ୍ତୁତ ଥିବାବେଳେ ବିରୋଧୀ ବିଜେଡି ଓ କଂଗ୍ରେସ ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗରେ ଶାସକ ଦଳକୁ କାଠଗଡ଼ାରେ ଠିଆ କରିବାକୁ ସଜବାଜ ହୋଇଛନ୍ତି । କେନ୍ଦ୍ର ସରକାରଙ୍କ ଏମଏମଡିଆର ଆକ୍ଟ ସଂଶୋଧନକୁ ନେଇ ଗୃହରେ ସ୍ୱତନ୍ତ୍ର ସଂକଳ୍ପ ପାରିତ କରିବା ପାଇଁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଜୋରଦାର ଦାବି କରିଛନ୍ତି । ସେହିପରି ଦୀର୍ଘଦିନ ଧରି ଲାଗି ରହିଥିବା ମହାନଦୀ ଜଳ ବିବାଦର ସ୍ଥାୟୀ ସମାଧାନ ନହେବା, ବିଦ୍ୟାଳୟ ପାଠ୍ୟପୁସ୍ତକରେ ତ୍ରୁଟି, ଦୁଇ ହଜାର ଟଙ୍କାରୁ ଅଧିକ ୟୁପିଆଇ କାରବାର ଉପରେ ସମ୍ଭାବ୍ୟ ଶୁଳ୍କ ଧାର୍ଯ୍ୟ, ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି, ଚାଷୀ ସମସ୍ୟା ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ପୂରା ପ୍ରସ୍ତୁତ ହୋଇ ରହିଛନ୍ତି ।

### ଓଡ଼ିଶାରେ ଏସ୍ଆଇଆର ...

ପ୍ରକ୍ରିୟା ପୂର୍ବରୁ ୧୭ ମେ ୨୦୨୬ ସୁଦ୍ଧା ରାଜ୍ୟରେ ମୋଟ ୩,୩୩,୯୯,୫୯୧ ଜଣ ମତଦାତା ଥିଲେ । ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟରେ ସମସ୍ତ ନିର୍ବାଚକଙ୍କ ପାଇଁ ପରିଗଣନା ଫର୍ମ ପ୍ରସ୍ତୁତ କରାଯାଇ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ବଣ୍ଟନ କରାଯାଇଥିଲା । ମୋଟ ୩,୧୩,୮୭,୦୩୪ଟି ପରିଗଣନା ଫର୍ମ, ଅର୍ଥାତ୍ ମୋଟ ନିର୍ବାଚକଙ୍କ ୯୩.୯୭ ପ୍ରତିଶତ ଫର୍ମ ପୁନଃପ୍ରାପ୍ତ ହୋଇଥିଲା । ଅନ୍ୟପକ୍ଷରେ ୨୦,୧୨,୫୫୭ ଜଣ ନିର୍ବାଚକଙ୍କ ଫର୍ମ ପୁନଃପ୍ରାପ୍ତ ହୋଇନଥିଲା । ଏହି ୬.୦୩ ପ୍ରତିଶତ ନିର୍ବାଚକଙ୍କ ନାମ ଚିଠା ଭୋଟର ତାଲିକାରୁ ବାଦ ଦିଆଯାଇଥିଲା । ଫର୍ମ ପୁନଃପ୍ରାପ୍ତ ନହେବାର ସମ୍ଭାବ୍ୟ କାରଣ ଭାବେ ଅନୁପସ୍ଥିତି, ସ୍ଥାନାନ୍ତରଣ, ମୃତ୍ୟୁ, ଏକାଧିକ ନାମ ଏବଂ ଅନ୍ୟାନ୍ୟ କାରଣ ଚିହ୍ନଟ କରାଯାଇଥିଲା । ୫ ଜୁଲାଇ ୨୦୨୬ରେ ୩,୧୩,୮୭,୦୩୪ ଜଣ ନିର୍ବାଚକଙ୍କୁ ନେଇ ଚିଠା ଭୋଟର ତାଲିକା ପ୍ରକାଶ ପାଇଥିଲା । ଏଥିରେ ୧,୬୦,୧୯,୧୭୬ ଜଣ ପୁରୁଷ, ୧,୫୩,୬୫,୦୮୩ ଜଣ ମହିଳା ଏବଂ ୨,୭୭୫ ଜଣ ତୃତୀୟଲିଙ୍ଗୀ ମତଦାତା ଥିଲେ । ଚିଠା ତାଲିକାରେ ଥିବା ମତଦାତାଙ୍କ ମଧ୍ୟରୁ ୩,୦୦,୮୮,୨୫୫ ଜଣଙ୍କୁ ୨୦୦୨ ମସିହାର ଭୋଟର ତାଲିକା ସହ ସ୍ୱୟଂ କିମ୍ବା ବଂଶଧର ଭାବେ ମ୍ୟାପିଂ କରାଯାଇଥିଲା । ଏଥି ମଧ୍ୟରେ ୧,୩୫,୬୪,୮୪୦ ଜଣଙ୍କର ସ୍ୱୟଂ ଭାବେ ଏବଂ ୧,୬୫,୨୩,୪୧୫ ଜଣଙ୍କର ବଂଶଧର ଭାବେ ମ୍ୟାପିଂ ହୋଇଥିଲା । ଅନ୍ୟ ୧୨,୯୮,୭୭୯ ଜଣଙ୍କର ମ୍ୟାପିଂ ହୋଇପାରିନଥିଲା ।

### ସୁପାରିଶକୁ ଉପଯୁକ୍ତ ...

କରିଛି । ଏହି ସୁପାରିଶ ଗୁଡ଼ିକ ଉପରେ ଅନୁଧ୍ୟାନ କରାଯାଇ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବୈଠକର ସୂଚନା ଅନୁଯାୟୀ ଏହି କମିଟି ନିକଟରେ ରାଜ୍ୟର ବିଭିନ୍ନ ବର୍ଗର ଶିକ୍ଷକମାନଙ୍କର ୧୦୪ଟି ସଂଘ କମିଟିକୁ ଭେଟିଛନ୍ତି । କମିଟି ଏହି ଦାବି ସମ୍ପର୍କରେ ୯୦ଟି ବୈଠକ କରିଛନ୍ତି ଏବଂ ସରକାରଙ୍କୁ ୭୯ଟି ରିପୋର୍ଟ ପ୍ରଦାନ କରିଛନ୍ତି । ବୈଠକରେ କମିଟିର ବିଭିନ୍ନ ସୁପାରିଶ ସମ୍ପର୍କରେ ଅଧ୍ୟକ୍ଷ ଅଶୋକ ତ୍ରିପାଠୀ ଏବଂ ସହ-ଅଧ୍ୟକ୍ଷ ସୁଦର୍ଶନ ନାୟକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗ ପ୍ରମୁଖ ସଚିବ ଏବଂ ଉଚ୍ଚଶିକ୍ଷା ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ସଚିବମାନେ ଉପସ୍ଥିତ ଥିଲେ । କମିଟିର ଅନ୍ୟ ସଦସ୍ୟ ଶାନ୍ତନୁ କୁମାର ସାହୁ, ମନୋରଞ୍ଜନ ମିଶ୍ର ଏବଂ ସଂଯୋଜକ ସଦସ୍ୟ ସନାତନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ଭାରତ-ନ୍ୟୁଜିଲ୍ୟାଣ୍ଡ ...

ବ୍ୟତୀତ ସେବା, ପ୍ରଯୁକ୍ତି, ନବସୃଜନ ଓ ଅକ୍ଷୟ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବ । ଭାରତୀୟ ଛାତ୍ର ଓ ପେସାଦାରଙ୍କ ପାଇଁ ମଧ୍ୟ ନୂଆ ସୁଯୋଗ ସୃଷ୍ଟି ହେବ । ପ୍ରତିବର୍ଷ ୫,୦୦୦ ଦକ୍ଷ ଭାରତୀୟ କର୍ମଚାରୀଙ୍କ ପାଇଁ ସାମୟିକ ନିଯୁକ୍ତି ପ୍ରବେଶ ଭିସା ବ୍ୟବସ୍ଥା ରହିବ । ଏହାସହ ପ୍ରତିବର୍ଷ ୧,୦୦୦ ଯୁବ ଭାରତୀୟଙ୍କ ପାଇଁ କାର୍ଯ୍ୟ ଛୁଟିଦିନ ସୁବିଧା ରହିବ ।

### ୨୩ରେ ଘଟିବ...

ଧୀରେ ଧୀରେ କମିଥାଏ ଏବଂ ରାତିର ସମୟ ବଢ଼ିଥାଏ । ସାଧାରଣ ଧାରଣା ଅନୁଯାୟୀ ଏହି ଦିନ ଦିନ ଓ ରାତି ୧୨-୧୨ ଘଣ୍ଟା ହୁଏ । ତେବେ ବାସ୍ତବରେ ଏହା ଠିକ୍ ୧୨ ଘଣ୍ଟା ହୋଇନଥାଏ । ବାୟୁମଣ୍ଡଳରେ ସୂର୍ଯ୍ୟକିରଣର ପ୍ରତିସରଣ ଯୋଗୁଁ ସୂର୍ଯ୍ୟୋଦୟ କିଛି ସମୟ ପୂର୍ବରୁ ଦେଖାଯାଏ ଏବଂ ସୂର୍ଯ୍ୟାସ୍ତ ପରେ ମଧ୍ୟ କିଛି ସମୟ ସୂର୍ଯ୍ୟ ଦୃଶ୍ୟମାନ ରହେ । ସେଥିପାଇଁ ବାସ୍ତବିକ ଭାବେ ଦିନ ଓ ରାତି ସମାନ ସମୟ ହେବାର ଦିନଟି ଶରଦ ବିଷୁବର କିଛି ଦିନ ପରେ ଆସିଥାଏ । ଅଞ୍ଚଳ ଅନୁଯାୟୀ ଏହି ସମୟରେ କିଛି ମିନିଟର ଫରକ ମଧ୍ୟ ଦେଖାଯାଏ । ଶରଦ ବିଷୁବ ପରେ ଉତ୍ତର ଗୋଲାର୍ଦ୍ଧରେ ଧୀରେ ଧୀରେ ଦିନ ଛୋଟ ହେବା ସହ ସକାଳ ଓ ସନ୍ଧ୍ୟା ସମୟରେ ହାଲୁକା ଥଣ୍ଡା ଅନୁଭୂତ ହେବା ଆରମ୍ଭ ହୋଇଥାଏ । ଏହି ସମୟକୁ ଶରତ ଋତୁର ଆଗମନ ସହ ମଧ୍ୟ ଯୋଡ଼ାଯାଏ ।

## ଶୈକ୍ଷିକ ବିକାଶ ପ୍ରତିନିଧି ଦଳର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିଦର୍ଶନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ପୂର୍ବାଞ୍ଚଳ ଜୋନ୍‌ର ଶୈକ୍ଷିକ ବିକାଶ ପ୍ରତିନିଧି ଦଳ ସୋମବାର 'କିସ୍' ବିଶ୍ୱବିଦ୍ୟାଳୟର ଆଦିବାସୀ ଐତିହ୍ୟ ଓ ଭାଷା ବିଭାଗର ଡିନ୍ ଡ. ସୁଜାତା ଆଚାର୍ଯ୍ୟଙ୍କ ନେତୃତ୍ୱରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିଦର୍ଶନରେ ଆସି ପ୍ରତିଷ୍ଠାନର ବିଭିନ୍ନ ବିଭାଗ ସହ ପାଠାଗାର ଦେଖିଥିଲେ । ପ୍ରତିନିଧି ଦଳ ଏହି ଅବସରରେ କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ପୂର୍ବାଞ୍ଚଳ ଶିକ୍ଷା ପ୍ରଶିକ୍ଷଣ ଓ ବିକାଶ ନେଇ ଭାବ ବିନିମୟ କରିଥିଲେ । ପ୍ରତିନିଧି ଦଳରେ ପଶ୍ଚିମବଙ୍ଗ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପ୍ରଫେସର ତନୁମୟ ପଣ୍ଡା, ଡ. ଅନିକେତ ସୂତ୍ରଧର, ବାବା ସାହେବ ଭୀମରାଓ ଆମ୍ବେଦକର ବିଶ୍ୱବିଦ୍ୟାଳୟର ସୁଧାରଞ୍ଜନ ଅଧିକାରୀ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଚାର୍ଯ୍ୟ ଅକ୍ଷୟ କୁମାର ଜେନା ଅଂଶଗ୍ରହଣ କରିଥିଲେ । ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଦେବାଶିଷ ମହାପାତ୍ର ଓ ବଙ୍ଗଳା ବିଭାଗ ସହକାରୀ ପ୍ରଫେସର ରାହୁଲ ସାହାନା ପ୍ରତିନିଧି ଦଳକୁ ପରିଦର୍ଶନରେ ସହାୟତା କରିଥିଲେ ।

## ସେଣ୍ଟୁରିଅନ୍ ୟୁନିଭର୍ସିଟି ପକ୍ଷରୁ ଆଲ୍‌ଜାଇମର୍ସ ପ୍ରତିରୋଧ ପାଇଁ ପଦକ୍ଷେପ

**ଗୁରାଣ୍ଡି, ନ୍ୟୁଜ ବ୍ୟୁରୋ**

ସେଣ୍ଟୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ସ୍କୁଲ୍ ଅଫ୍ ନର୍ସିଂ ପକ୍ଷରୁ ୨୧ ଅଗଷ୍ଟ ତାରିଖରେ ଗୁରାଣ୍ଡି ଠାରେ ବିଶ୍ୱ ଆଲ୍‌ଜାଇମର୍ସ ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଥିମ୍ ଥିଲା "ଆଲ୍‌ଜାଇମର୍ସ ପ୍ରତିରୋଧ" । ସମୁଦାୟ ମଧ୍ୟରେ ଆଲ୍‌ଜାଇମର୍ସ ରୋଗ, ଏହାର ପ୍ରତିରୋଧ, ପ୍ରାରମ୍ଭିକ ଲକ୍ଷଣ ଏବଂ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମରେ ପୋଷ୍ଟର ପ୍ରଦର୍ଶନ, ପାମ୍ଫଲେଟ୍ ବଣ୍ଟନ ଏବଂ ଆଲ୍‌ଜାଇମର୍ସ ପ୍ରତିରୋଧ ଉପରେ ସ୍ୱାସ୍ଥ୍ୟ ଶିକ୍ଷା ଆୟୋଜନ କରାଯାଇଥିଲା । ଏହି ମାଧ୍ୟମରେ ଛାତ୍ରଛାତ୍ରୀମାନେ ଆଲ୍‌ଜାଇମର୍ସ ରୋଗ, ଏହାର ପ୍ରାରମ୍ଭିକ ଲକ୍ଷଣ, ସୁସ୍ଥ ଜୀବନଶୈଳୀ, ମାନସିକ ଓ ଶାରୀରିକ କାର୍ଯ୍ୟକଳାପ ଏବଂ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ସାମାଜିକ ସମର୍ଥନ ଓ ଯତ୍ନର ଗୁରୁତ୍ୱ ବିଷୟରେ ସଚେତନ କରିଥିଲେ । ସ୍ୱାସ୍ଥ୍ୟ ଶିକ୍ଷା ମାଧ୍ୟମରେ ସମୁଦାୟର ଲୋକମାନେ ଆଲ୍ଜାଇମର୍ସର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବା ଏବଂ ଆବଶ୍ୟକ ସମୟରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନେବାର ଗୁରୁତ୍ୱ ବୁଝିପାରିଥିଲେ । ପୋଷ୍ଟର ଓ ପାମ୍ଫଲେଟ୍ ମାଧ୍ୟମରେ ସୂଚନାଗୁଡ଼ିକୁ ସରଳ, ଆକର୍ଷଣୀୟ ଏବଂ ସହଜରେ ବୁଝିବା ଭଳି ଭାବରେ



ପ୍ରସ୍ତୁତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ନର୍ସିଂ ଛାତ୍ରଛାତ୍ରୀମାନଙ୍କୁ ସମୁଦାୟ ସ୍ତରରେ ନିଜର ଜ୍ଞାନକୁ ପ୍ରୟୋଗ କରିବା ସହିତ ଆଲ୍‌ଜାଇମର୍ସ ରୋଗ ଏବଂ ସୁସ୍ଥ ବାର୍ଦ୍ଧକ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବାର ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିଥିଲା । ଛାତ୍ରଛାତ୍ରୀ, ଅଧ୍ୟାପିକା ଏବଂ ଗୁରାଣ୍ଡିର ସମୁଦାୟ ସଦସ୍ୟମାନଙ୍କର ସକ୍ରିୟ ସହଯୋଗ ଓ ଅଂଶଗ୍ରହଣ ସହିତ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା ।

## ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଟ୍ରେନ ଚଳାଚଳରେ ପରିବର୍ତ୍ତନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚକ୍ରଧରପୁର ମଣ୍ଡଳରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ସୁରକ୍ଷିତ ଓ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ ନିର୍ଦ୍ଧାରିତ ତାରିଖଗୁଡ଼ିକରେ କେତେକ ଟ୍ରେନର ଚଳାଚଳରେ ପରିବର୍ତ୍ତନ କରାଯାଇଛି । ନିମ୍ନଲିଖିତ ଟ୍ରେନ ଗୁଡ଼ିକ ବାତିଲ ରହିବ: ଟ୍ରେନ୍ ନଂ ୧୮୩୦୯ ସମ୍ବଲପୁର -ଜାମ୍ମୁ ତୱି ସେପ୍ଟେମ୍ବର ୨୨, ୨୪ ଏବଂ ୨୬ ତାରିଖରେ ବାତିଲ ରହିବ । ଟ୍ରେନ ନଂ ୧୮୩୧୦ ଜାମ୍ମୁ ତୱି-ସମ୍ବଲପୁର ସେପ୍ଟେମ୍ବର ୨୫, ୨୭ ଏବଂ ୨୯ ତାରିଖରେ ବାତିଲ ରହିବ । ସେହିପରି, ଟ୍ରେନ ନଂ ୨୨୮୬୧ ହାୱଡ଼ା - କଣ୍ଟାବାଞ୍ଜି ଇସ୍ପାତ ଏକ୍ସପ୍ରେସ ସେପ୍ଟେମ୍ବର ୨୫, ୨୭, ୨୯ ଏବଂ ଅକ୍ଟୋବର ୧ ଓ ୨ ତାରିଖରେ ବାତିଲ ରହିବ । ଟ୍ରେନ ନଂ ୨୨୮୬୨ କଣ୍ଟାବାଞ୍ଜି- ହାୱଡ଼ା ଇସ୍ପାତ ଏକ୍ସପ୍ରେସ ସେପ୍ଟେମ୍ବର ୨୬, ୨୮, ୩୦ ଏବଂ ଅକ୍ଟୋବର ୨ ଓ ୩ ତାରିଖରେ ବାତିଲ ରହିବ । ଟ୍ରେନ ନଂ ୧୨୮୭୧ ହାୱଡ଼ା-ଜୁନାଗଡ଼ ରୋଡ୍ ସେପ୍ଟେମ୍ବର ୨୬, ୨୮ ଏବଂ ୩୦ ତାରିଖରେ ବାତିଲ ରହିବ । ଟ୍ରେନ ନଂ ୧୨୮୭୨ ଜୁନାଗଡ଼ ରୋଡ୍- ହାୱଡ଼ା ସେପ୍ଟେମ୍ବର ୨୭, ୨୯ ଏବଂ ଅକ୍ଟୋବର ୧ ତାରିଖରେ ବାତିଲ ରହିବ । ଟ୍ରେନ ନଂ ୧୫୦୨୮ ଗୋରଖପୁର-ସମ୍ବଲପୁର ମୌର୍ଯ୍ୟ ଏକ୍ସପ୍ରେସ ଅକ୍ଟୋବର ୧ ତାରିଖରେ ବାତିଲ ରହିବ । ଟ୍ରେନ ନଂ ୧୫୦୨୭ ସମ୍ବଲପୁର - ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ ଅକ୍ଟୋବର ୩ ତାରିଖରେ ବାତିଲ ରହିବ । ଟ୍ରେନ ନଂ ୧୮୪୫୨/୧୮୪୫୧ ପୁରୀ- ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ ଉଭୟ ପଟୁ ଅକ୍ଟୋବର ୨ ତାରିଖରେ ବାତିଲ ରହିବ । ନିମ୍ନଲିଖିତ ଟ୍ରେନ ଗୁଡ଼ିକ ଅସ୍ଥାୟୀ ଭାବେ ପରିବର୍ତ୍ତିତ ମାର୍ଗ (ଡାଇଭର୍ସନ) ଦେଇ ଚଳାଚଳ କରିବ : ଟ୍ରେନ ନଂ ୨୦୮୧୮ ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ସେପ୍ଟେମ୍ବର ୨୭, ୨୦୨୬ରେ ଯାତ୍ରା ଆରମ୍ଭ କରିବାକୁ ଥିବା ଏହି ଟ୍ରେନ୍‌ଟି ଏହାର ପୂର୍ବ ନିର୍ଦ୍ଧାରିତ ପଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜଙ୍କସନ୍-ଗୋମୋ-ଆନାରା-ପୁରୁଲିଆ ଜଙ୍କସନ୍-ଚାଣ୍ଡିଲ ଜଙ୍କସନ୍-ଚକ୍ରଧରପୁର-ରାଉରକେଲା-ଝାରସୁଗୁଡ଼ା-କଟକ ବଦଳରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜଙ୍କସନ୍-ଗୋମୋ-ଆଦ୍ରା-ମେଦିନୀପୁର-ହିଜଳୀ-ଭଦ୍ରକ-କଟକ ଦେଇ ଚଳାଚଳ କରିବ । ସେହିପରି, ଟ୍ରେନ ନଂ ୧୮୪୭୭ ପୁରୀ-ଯୋଗ ନଗରୀ ଋଷିକେଶ ଉତ୍କଳ ଏକ୍ସପ୍ରେସ ସେପ୍ଟେମ୍ବର ୩୦ ଏବଂ ଅକ୍ଟୋବର ୧, ୨୦୨୬ରେ ଯାତ୍ରା ଆରମ୍ଭ କରିବାକୁ ଥିବା ଏହି ଟ୍ରେନଟି ଏହାର ପୂର୍ବ ନିର୍ଦ୍ଧାରିତ ପଥ କଟକ-ଭଦ୍ରକ-ହିଜଳୀ-ଟାଟାନଗର-ରାଉରକେଲା-ଝାରସୁଗୁଡ଼ା- ଇବ୍ ବଦଳରେ କଟକ-ସମ୍ବଲପୁର ସିଟି-ଝାରସୁଗୁଡ଼ା ରୋଡ଼-ଇବ୍ ଦେଇ ଚଳାଚଳ କରିବ । ଯାତ୍ରୀମାନଙ୍କୁ ଉପରୋକ୍ତ ପରିବର୍ତ୍ତନଗୁଡ଼ିକ ଧ୍ୟାନରେ ରଖି ନିଜ ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଯାତ୍ରା ଆରମ୍ଭ କରିବା ପୂର୍ବରୁ ଟ୍ରେନ୍‌ର ଅଧିକ ସୂଚନା ପାଇଁ ଯାତ୍ରୀମାନେ ନ୍ୟାସନାଲ୍ ଟ୍ରେନ ଏନ୍‌କ୍ୱାରି ସିଷ୍ଟମ୍ କିମ୍ବା ଅଧିକୃତ ରେଳ ଅନୁସନ୍ଧାନ ସେବା ବ୍ୟବହାର କରିପାରିବେ ।

## ଶ୍ରୀଜଗନ୍ନାଥ ଚେତନା, ସନାତନ ସଂସ୍କୃତି ଓ ଧର୍ମୀୟ ପରମ୍ପରା ସୁରକ୍ଷା ପାଇଁ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ସର୍ବ ବ୍ରାହ୍ମଣ ମହାସଭାର ରାଜ୍ୟ ସମ୍ପାଦକ ତଥା ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆର ସଭାପତି ଡ଼. ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ପବିତ୍ର ସାଧୁ-ସନ୍ଥ ବୈଠକ ଭୁବନେଶ୍ୱର ୟୁନିଟ୍-୪ ଏମ୍.ଏଲ୍.ଏ. କଲୋନୀ ପାର୍କସ୍ଥିତ ପ୍ୟାସନ୍ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ଗଣେଶ ପୂଜା ମହୋତ୍ସବ ଏବଂ "ଶ୍ରୀ ନୀଳମାଧବ ହିଁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ରୂପ" କାର୍ଯ୍ୟକ୍ରମର ଅଂଶ ଭାବେ ଆୟୋଜିତ ହୋଇଥିଲା । ବୈଠକରେ ପ୍ୟାସନ୍ କ୍ଲବର ସଭାପତି ଅଶୋକ ପଲେଇ ଏବଂ ବିଶ୍ୱ ସନାତନ ସେବା ଟ୍ରଷ୍ଟର ଶୁକେଶ ଗୋସ୍ୱାମୀ ଉପସ୍ଥିତ ରହି ବୈଠକର ସଂଯୋଜନାରେ ସହଯୋଗ କରିଥିଲେ । ବୈଠକର ପ୍ରମୁଖ ଆଲୋଚ୍ୟ ବିଷୟ -ଶ୍ରୀଜଗନ୍ନାଥ ଚେତନା, ସନାତନ ସଂସ୍କୃତି ଓ ଧର୍ମୀୟ ପରମ୍ପରାର ସୁରକ୍ଷା ଓ ସଂରକ୍ଷଣ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା । ଏହି ପବିତ୍ର ସମାବେଶରେ ପୂଜ୍ୟ ସାଧୁ-ସନ୍ଥ ଓ ଧର୍ମାଚାର୍ଯ୍ୟମାନେ ଉପସ୍ଥିତ ରହି ନିଜ ନିଜର ଆଶୀର୍ବଚନ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଆଲୋଚନାର ପ୍ରମୁଖ ପ୍ରସଙ୍ଗ ଥିଲା—ଶାସ୍ତ୍ରୀୟ ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ଉପାସନା, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର, ସନାତନ ପରମ୍ପରାର ସୁରକ୍ଷା ଓ ସଂରକ୍ଷଣ ତଥା ଧାର୍ମିକ ଓ ସାମାଜିକ ଚେତନାର ବିକାଶ । ଉପସ୍ଥିତ ସମସ୍ତ ମହାନୁଭବମାନେ ଏହି ବିଷୟଗୁଡ଼ିକ ଉପରେ ନିଜ ନିଜର ମତ ଓ ଅନୁଭୂତି ପ୍ରକାଶ କରିଥିଲେ । ବିଶେଷକରି ଶ୍ରୀଜଗନ୍ନାଥ ସଂସ୍କୃତିର ଲୀଳା ଓ ମହିମାକୁ ବିଶ୍ୱବ୍ୟାପୀ ଭାବେ ପ୍ରଚାର ଓ ପ୍ରସାର କରିବା ସହିତ ଯୁବପିଢ଼ିଙ୍କୁ ଆଧ୍ୟାତ୍ମିକତା, ଧର୍ମୀୟ ଚେତନା ଓ ଆମ ସମୃଦ୍ଧ ସଂସ୍କୃତି ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ପୂଜ୍ୟ ସାଧୁ-ସନ୍ଥମାନଙ୍କର ମାର୍ଗଦର୍ଶନରେ ସମସ୍ତେ ଏକତ୍ରିତ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଚେତନା, ମହାନ ସଂସ୍କୃତି ଓ ପରମ୍ପରାକୁ ଜନଜନଙ୍କ ନିକଟରେ ପହଞ୍ଚାଇବା ପାଇଁ ଆହ୍ୱାନ ଦିଆଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରମୁଖ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ ଗୋଷ୍ଠୀ-ଭିତ୍ତିକ ପଦକ୍ଷେପ ମାଧ୍ୟମରେ ପରିବେଶ ସଚେତନତା ବୃଦ୍ଧି




**ଯାଜପୁର, ନ୍ୟୁଜ ବ୍ୟୁରୋ**

ଭାରତର ଅଗ୍ରଣୀ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନ୍‌ଲେସ୍, 'ନୀଳ ଆକାଶ ପାଇଁ ଆନ୍ତର୍ଜାତୀୟ ବିଶୁଦ୍ଧ ବାୟୁ ଦିବସ' ଠାରୁ 'ବିଶ୍ୱ ଓଜୋନ୍ ଦିବସ' ପର୍ଯ୍ୟନ୍ତ ପାଳିତ ପରିବେଶ ସଚେତନତା ଅଭିଯାନ ୨୦୨୬ ଅଧୀନରେ ନିଜର ଯାଜପୁର ୟୁନିଟ୍‌ରେ ସଚେତନତା ଏବଂ ଗୋଷ୍ଠୀ ସମ୍ପର୍କ କାର୍ଯ୍ୟକ୍ରମ ଆୟୋଜନ କରିଛି । ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରିବେଶ ସଚେତନତା ଅଭିଯାନ-୨୦୨୬ ଅଧୀନରେ ପ୍ରୋତ୍ସାହିତ 'ସ୍ୱଚ୍ଛତା ଏବଂ ପ୍ଲାଷ୍ଟିକ୍ ମୁକ୍ତ ଜୀବନଶୈଳୀ' ବିଷୟବସ୍ତୁ ସହିତ ଏହି ପଦକ୍ଷେପଗୁଡ଼ିକ ସାମଞ୍ଜସ୍ୟ ରଖିଥିଲା । ଏହି ଅଭିଯାନର ଅଂଶସ୍ୱରୂପ, ଜିନ୍ଦଲ ଷ୍ଟେନ୍‌ଲେସ୍ କର୍ମଚାରୀ, ଚୁକ୍ତିଭିତ୍ତିକ ଶ୍ରମିକ, ଗୋଷ୍ଠୀର ସଦସ୍ୟ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ, ଦାୟିତ୍ୱବାନ୍ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ସଚେତନତା ଏବଂ ଗୋଷ୍ଠୀ ଭାଗିଦାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲା । ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଯାଜପୁର ଆଞ୍ଚଳିକ କାର୍ଯ୍ୟାଳୟ, କଳିଙ୍ଗ ନଗର ଜିଲ୍ଲା ପ୍ରଶାସନ ଏବଂ ନିକଟବର୍ତ୍ତୀ ଶିଳ୍ପଗୁଡ଼ିକର ସହଯୋଗରେ ଆୟୋଜିତ ସାଇକେଲ ରାଲି, ବିଶୁଦ୍ଧ ବାୟୁ ଏବଂ ସୁସ୍ଥ ଗମନାଗମନକୁ ପ୍ରୋତ୍ସାହିତ କରିବା ପାଇଁ କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ଏକାଠି କରିଥିଲା । ପ୍ରତିଯୋଗୀମାନେ ନିର୍ଦ୍ଧାରିତ ମାର୍ଗ ଦେଇ ପରିବେଶ ଅନୁକୂଳ ପରିବହନ ଏବଂ ପରିବେଶ ଦାୟିତ୍ୱର ବାର୍ତ୍ତା ବହନ କରି ସାଇକେଲ ଚଳାଇଥିଲେ । ଗୋଷ୍ଠୀ ଭାଗିଦାରୀ ଉପରେ ଅଭିଯାନର ଗୁରୁତ୍ୱକୁ ଆଗକୁ ନେଇ ଜେଏସଏଲ୍ ତ୍ରିଜଙ୍ଗା ଗ୍ରାମରେ 'ସ୍ୱଚ୍ଛତା ହିଁ ସେବା' ଗଣ ସଫେଇ ଅଭିଯାନ ଆୟୋଜନ କରିଥିଲା । ସାର୍ବଜନୀନ ସ୍ଥାନଗୁଡ଼ିକୁ ସଫା କରିବା ଏବଂ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ କର୍ମଚାରୀ, ସ୍ଥାନୀୟ ବାସିନ୍ଦା ଏବଂ ଅଂଶୀଦାରମାନେ ହାତ ମିଳାଇଥିଲେ । ଏହି ପଦକ୍ଷେପ ସ୍ୱଚ୍ଛ ପରିବେଶ ବଜାୟ ରଖିବା ଏବଂ ସୁସ୍ଥ ସମାଜ ଗଠନରେ ମିଳିତ ପ୍ରଚେଷ୍ଟାର ଗୁରୁତ୍ୱକୁ ଦର୍ଶାଇଥିଲା । ପରିବେଶ ସୁସ୍ଥତା ପାଇଁ ସାଂସ୍କୃତିକ ଦିଗକୁ ଯୋଡ଼ି ଜେଏସଏଲ୍ 'ଆମ ଖାଦ୍ୟ ଆମ ସଂସ୍କୃତି' ନାମକ ଏକ ପାରମ୍ପରିକ ଖାଦ୍ୟ ମହୋତ୍ସବ ଆୟୋଜନ କରିଥିଲା, ଯେଉଁଥିରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ରନ୍ଧନ ପରମ୍ପରାକୁ ପ୍ରଦର୍ଶିତ କରାଯାଇଥିଲା । ଏହି ଉତ୍ସବରେ ପୋଷକ ତତ୍ତ୍ୱ ଭରା ମାଣ୍ଡିଆ/ ମିଲେଟ୍ ଆଧାରିତ ରେସିପି ଏବଂ ପାରମ୍ପରିକ ଓଡ଼ିଆ ସ୍ୱାଦିଷ୍ଟ ଖାଦ୍ୟ ସ୍ଥାନ ପାଇଥିଲା । ଏହାସହ ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ପରିବର୍ତ୍ତେ ମାଟି ପାତ୍ର, ଷ୍ଟିଲ୍ ବାସନ ଏବଂ କାଠ ଚାମଚ/ଛୁରୀ ବ୍ୟବହାର କରି ପ୍ଲାଷ୍ଟିକ୍ ମୁକ୍ତ ଅଭ୍ୟାସକୁ ପ୍ରୋତ୍ସାହିତ କରାଯାଇଥିଲା ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 28-KUR-TRD-OT-2026-27

**କାର୍ଯ୍ୟର ନାମ :** ତିନି ବର୍ଷ ପାଇଁ ବାହ୍ୟ ସଂସ୍ଥା ମାଧ୍ୟମରେ ତାଳଚେର (TLHR) ସ୍ଥିତ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (MCL)ର ଅନନ୍ତ (ANT) ସାଇଡିଂ, ଜଗନ୍ନାଥ (JNC) ସାଇଡିଂ, ଭରତପୁର (BTPR) ସାଇଡିଂ ଏବଂ ବଳରାମ ସାଇଡିଂର ସ୍ୱର୍-9 ଓ 10 ରେ ଥିବା ସମସ୍ତ ଲୋଡିଂ ସ୍ୱର୍‌ରେ ଆଇସୋଲେଟର ଗୁଡ଼ିକର ପରିଚାଳନା ।

**ବିଜ୍ଞାପିତ ମୂଲ୍ୟ (₹) : 1,42,96,103.44,** EMD (₹) : 2,21,500.00, ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ (₹) : 5,900.00, ଶେଷ ହେବା ଅବଧି : 1096 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.09.2026ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.10.2026 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-454/R/26-27

ଉତ୍କଳ ଦୀପିକା
ଭୁବନେଶ୍ୱର, ୨୨ ସେପ୍ଟେମ୍ବର, ମଙ୍ଗଳବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

## ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳାର ଅନ୍ତିମ ଦିବସ

# କଂସ ବଧ, ବଡ଼ଦାଣ୍ଡରେ ମଥୁରା ହାଟ

**ପୁରୀ, ୨୧/୦୯ ନ୍ୟୁଜ ବ୍ୟୁରୋ**
ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀକୃଷ୍ଣ ଲୀଳାର ଅନ୍ତିମ ପର୍ଯ୍ୟାୟରେ ସୋମବାର କଂସ ବଧ ନୀତି ଅନୁଷ୍ଠିତ ହୋଇଛି । ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ରାକ୍ଷସ ରାଜା କଂସଙ୍କୁ ଶ୍ରୀକୃଷ୍ଣ ମାରିଛନ୍ତି। ଏହି ଅବସରରେ ପବିତ୍ର ବଡ଼ଦାଣ୍ଡ ପାଲଟିଛି ମଥୁରାପୁରୀ। ଜଗନ୍ନାଥବଲ୍ଲଭ ମଠ ନିକଟରୁ ସିଂହଦ୍ୱାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଛି ଶ୍ରୀକୃଷ୍ଣଙ୍କ ଅପୂର୍ବ ଲୀଳା। ଲବଣିଖିଆ ମଣ୍ଡପରେ ସର, ଲବଣୀ ଖାଇଛନ୍ତି ଶ୍ରୀରାମକୃଷ୍ଣ। ମଧ୍ୟାହ୍ନ ଧୂପ ପରେ ଶ୍ରୀରାମ କୃଷ୍ଣ ଆଜ୍ଞାମାଳ ପାଇ ବଟଦୁଆରେ ଥିବା ପାଲିଙ୍କିରେ ବିଜେ ହୋଇଥିଲେ । ବିମାନବଡୁମାନେ ପାଲିଙ୍କି



ନେଇ ଶ୍ରୀମନ୍ଦିରରୁ ବାହାରି ଲବଣିଖିଆ ମଣ୍ଡପଠାରେ ପହଞ୍ଚିଥିଲେ । ମହାଭୋଇ ପରିବାରର ବୋହୂମାନେ ଦୁଇ ବିଗ୍ରହଙ୍କୁ ବନ୍ଦାପନା କରିଥିଲେ । ଠାକୁରଙ୍କୁ ସର, ଲବଣୀ, ମାଖନ ଭୋଗ ଲଗାଯାଇଥିଲା। ଭିତରଛୁ ମହାପାତ୍ରେ ବନ୍ଦାପନା କରିଥିଲେ । ଏହାପରେ ଠାକୁରେ ଜଗନ୍ନାଥବଲ୍ଲଭ ମଠ ସାମ୍ନା ଖଳାକୁ ବିଜେ କରିଥିଲେ । ବଡ଼ଦାଣ୍ଡରେ ଅକ୍ରୁର ପ୍ରସ୍ତାବ, ରଜକ ପ୍ରସ୍ତାବ, ଧନୁଘର ପ୍ରସ୍ତାବ ହୋଇଥିଲା । ମରିଚେଇ ଠାକୁରାଣୀଙ୍କ ସମ୍ମୁଖରେ ମଲ୍ଲଯୁଦ୍ଧ ଓ ଶ୍ରୀନହର ସମ୍ମୁଖରେ କୁବ୍ଜା ଉଦ୍ଧାର ନୀତି ହୋଇଥିବା ବେଳେ ଶ୍ରୀକୃଷ୍ଣଙ୍କ ଅଙ୍ଗୁଳି ସ୍ପର୍ଶ ପାଇଲେ ତ୍ରିବକ୍ରା(କୁବ୍ଜା )। ଏଠାରୁ ଠାକୁରଙ୍କ ପାଲିଙ୍କି ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ସେଠାରେ କଂସ ବଧ ନୀତି ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦିବ୍ୟ ଲୀଳା ଦେଖିବାର ସୌଭାଗ୍ୟ ପାଇଥିଲେ ।



ଭୁବନେଶ୍ୱର : ମା' ଦୁର୍ଗାଙ୍କୁ ସ୍ୱାଗତ କରିବା ନିମନ୍ତେ ଧରାପୃଷ୍ଠରେ ମହକିଲାଣି କାଶତଣ୍ଡିର ସମ୍ଭାର। (ଫଟୋ : ସମ୍ବାଦ କଳିକା)

# ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଶଙ୍ଖ ଭବନରୁ ଯୋଜନା

**ଭୁବନେଶ୍ୱର, ୨୧/୦୭ ନ୍ୟୁଜ ବ୍ୟୁରୋ**
ଏମଏମଡିଆର, ଏସଆଇଆର, ପାଠ୍ୟପୁସ୍ତକରେ ତ୍ରୁଟି, ଧାନ ବିକ୍ରିରେ ଅବ୍ୟବସ୍ଥା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଜୁ ଜନତା ଦଳ (ବିଜେଡି) ବିଧାନସଭାରେ ସରକାରଙ୍କୁ ଟାର୍ଗେଟ କରିବ। ଏଥିପାଇଁ ଶଙ୍ଖ ଭବନରେ ଯୋଜନା ପ୍ରସ୍ତୁତ କରିଛି ଦଳ। ଏହି ବୈଠକ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ବିଧାୟକମାନଙ୍କୁ ସମ୍ବୋଧିତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ରାଜ୍ୟରେ ବିଜେପି ସରକାର ଆସିବାର ଇତି ମଧ୍ୟରେ ଦୁଇ ବର୍ଷରୁ ଅଧିକ ସମୟ ବିତି ଗଲାଣି। କିନ୍ତୁ ଯେଉଁ ପରିବର୍ତ୍ତନର ନାରା ଦେଇ ସେମାନେ କ୍ଷମତାକୁ ଆସିଥିଲେ, ତାହା ଆଦୌ ହୋଇନାହିଁ। ଏହି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି। ବିଫଳତା ଏ ସରକାରର ହଲ୍ ମାର୍କ ହୋଇଯାଇଛି । କେବଳ ସରକାରୀ ଅର୍ଥ ଅପବ୍ୟୟ କରି ଗୁଡାଏ ମିଥ୍ୟା ପ୍ରଚାର କରାଯାଉଛି । ଆଇନ ଶୃଙ୍ଖଳାଠାରୁ ଆରମ୍ଭ କରି ବନ୍ୟା ପରିଚାଳନାରେ ବିଫଳତା, ଦରବୃଦ୍ଧି, ଆର୍ଥିକ କୁପରିଚାଳନା, ବଜେଟ୍ ଅର୍ଥ ଖର୍ଚ୍ଚ କରି ନ ପାରିବା ଆଦି ବିଭିନ୍ନ ପ୍ରସଙ୍ଗ ରହିଛି ବୋଲି କହିଛନ୍ତି ଶ୍ରୀ



ପଟ୍ଟନାୟକ। ଏମଏମଡିଆର ପ୍ରସଙ୍ଗରେ ଶ୍ରୀ ପଟ୍ଟନାୟକ କହିଥିଲେ, ସଂସଦରେ ଏମ୍ଏମ୍ଡିଆର୍ ସଂଶୋଧନ ଆଇନ ବିନା ଆଲୋଚନାରେ ତରବରିଆ ଭାବରେ ଗୃହିତ ହୋଇଗଲା । କିନ୍ତୁ ଆମ ଓଡ଼ିଶାରୁ ଯାଇଥିବା ୨୦ ଜଣ ଯାକ ସାଂସଦ କେହି ରାଜ୍ୟର ସ୍ୱାର୍ଥ ପାଇଁ ପାଟି ନ ଫିଟାଇବା ଅତ୍ୟନ୍ତ ବେଦନା ଦାୟକ । ଏମ୍ଏମ୍ଡିଆର୍ ସଂଶୋଧନ ଆଇନ ଆମର ଜମି ଉପରୁ, ଆମର ପ୍ରାକୃତିକ ସଂପଦ ଉପରୁ ଆମର ଅଧିକାର ଛଡାଇ ନେବା ସହିତ ଯୁବ ସମାଜର ସ୍ୱପ୍ନକୁ ଧ୍ୱଂସ କରାଯାଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ପତ୍ର ଲେଖିଥିଲେ ମଧ୍ୟ କିଛି ଫଳ ହେଲା ନାହିଁ । ଏହି ଘଟଣାରେ ବିଜେଡି କେବଳ ନୀରବ ଦର୍ଶକ ହୋଇ ନ ରହି ରାଜ୍ୟର ଅଧିକାର ଫେରାଇ ଆଣିବା ପାଇଁ ଲଢେଇ କରିବ ବୋଲି ସ୍ପଷ୍ଟ ସୂଚନା ଦେଇଥିଲେ । ସେହିଭଳି ପାଠ୍ୟ ପୁସ୍ତକ ତ୍ରୁଟି ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯଦି ଶିକ୍ଷା ବ୍ୟବସ୍ଥା ନଷ୍ଟ ହୋଇଯାଏ ତେବେ ଦେଶର ଭବିଷ୍ୟତ ନଷ୍ଟ ହୋଇଯିବ। ପାଠ୍ୟ ପୁସ୍ତକରେ ତ୍ରୁଟିକୁ ଏକ ବିରାଟ ଭୁଲ ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏହା ଏକ ଅପରାଧିକ ତ୍ରୁଟି । ତେଣୁ ସରକାରଙ୍କୁ ଏଥିପାଇଁ ଉତ୍ତରଦାୟିତ୍ୱ ନେବାକୁ ପଡିବ ଏବଂ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବାକୁ ପଡିବ । ଚାଷୀମାନଙ୍କ ସମସ୍ୟା ଉପରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜେପି ସରକାର ଅମଳରେ ରାଜ୍ୟର ଚାଷୀମାନେ ସବୁଠାରୁ ଅଧିକ ନିଷ୍ପେସିତ ହୋଇଛନ୍ତି । ଠିକ୍ ସମୟରେ ସାର ମିଳୁନି, ବିହନ ମିଳୁନି, ଧାନ ଉଠୁନି । ଡବଲ ଇଞ୍ଜିନ ସରକାର ଥାଇ ମଧ୍ୟ ଏଫ୍‌ସିଆଇ ଧାନ ନେଉନାହିଁ । ଏଭଳି ଅବ୍ୟବସ୍ଥାକୁ ଆମେ ନୀରବରେ ସହ୍ୟ କରିପାରିବୁ ନାହିଁ ବୋଲି ଶ୍ରୀ ପଟ୍ଟନାୟକ ଚେତାଇ ଦେଇଥିଲେ । ଦରବୃଦ୍ଧି ପ୍ରସଙ୍ଗରେ ସରକାରଙ୍କ ବିଫଳତାରେ ଶ୍ରୀ ପଟ୍ଟନାୟକ ଉଦବେଗ ପ୍ରକାଶ କରିବା ସହ ନିକଟରେ ୟୁପିଆଇ ପେମେଣ୍ଟ ଉପରେ ଏମ୍ଡିଆର୍ ଲାଗୁ କରାଯିବା ଦ୍ୱାରା ସାଧାରଣ ଲୋକ ଓ ଛୋଟ ବ୍ୟବସାୟୀମାନେ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରି ଏଥିପାଇଁ ଅଧିକ ସୁରକ୍ଷା ବ୍ୟବସ୍ଥା ଏବଂ ଏମ୍ଡିଆର୍ ଉପରେ ସ୍ୱଚ୍ଛତା ଆସିବା ନେଇ ଗୁରୁତ୍ୱ ଦେଇଥିଲେ । ଭୋଟର ତାଲିକାର ଏସଆଇଆର ଉପରେ ଆଲୋଚନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବହୁ ସଂଖ୍ୟକ ଯୋଗ୍ୟ ଭୋଟରଙ୍କ ନାମ କଟିଯିବା ଏକ ଗୁରୁତର ବିଷୟ ଏବଂ ବିଜୁ ଜନତା ଦଳ ଭୋଟରଙ୍କୁ ନ୍ୟାୟ ଦେବା ପାଇଁ ତା'ର ଲଢେଇ ଜାରି ରଖିବ । ମୋଟ୍ ଉପରେ ବିଜେପି ସରକାର ଲୋକଙ୍କୁ ସେବା ଯୋଗାଇବାରେ ବିଫଳ ହୋଇଛି। ତେଣୁ ବିରୋଧୀ ଦଳ ଭାବରେ ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ବିଷୟରେ ଲୋକଙ୍କୁ ସଚେତନ କରାଯିବ ବୋଲି ସେ କହିଥିଲେ।

# ମା' ଶାରଳା ମନ୍ଦିର ଭୋଗ ଦୋକାନ ଅର୍ଥ ପୈଠ ନହେବା ନେଇ ହାଇକୋର୍ଟଙ୍କ ନୋଟିସ୍

**କଟକ, ୨୧/୦୯ ନ୍ୟୁଜ ବ୍ୟୁରୋ**
ଜଗତସିଂହପୁର ଜିଲ୍ଲାର ମା' ଶାରଳା ମନ୍ଦିର ପରିସରରେ ଭୋଗ ଦୋକାନ ବାବଦ ଅର୍ଥ ଅନାଦେୟ ଘଟଣାକୁ ଅତି ଗୁରୁତ୍ୱର ସହ ନେଇଛନ୍ତି ଓଡ଼ିଶା ହାଇକୋର୍ଟ । ଯୁଗ୍ମ ତଦନ୍ତ ପ୍ରସଂଗକୁ ନେଇ ଦାୟର ମାମଲାରେ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ । ଏ ସମ୍ପର୍କିତ ମାମଲାର ଶୁଣାଣି କରି ରାଜ୍ୟ ସରକାର, ଦେବୋତ୍ତର କମିଶନର, ସହକାରୀ କମିଶନର ଓ ମା' ଶାରଳା ମନ୍ଦିରର ନିର୍ବାହୀ ଅଧିକାରୀଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରି ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ଡକ୍ଟର ସଞ୍ଜୀବ କୁମାର ପାଣିଗ୍ରାହୀ ଓ ଜଷ୍ଟିସ ଏସ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଅମ୍ବିକା ମହାନ୍ତି ଓ ଅନ୍ୟ ଦୁଇ ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅକ୍ଟୋବର ୭କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି ।



ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ, ୨୦୧୯-୨୦, ୨୦୨୩-୨୪ ଓ ୨୦୨୪-୨୫ ବର୍ଷରେ ଶାରଳା ମନ୍ଦିର ପରିସରରେ ଭୋଗ ଦୋକାନ କରିଥିବା ବ୍ୟକ୍ତି ଏ ବାବଦ ସଂପୂର୍ଣ୍ଣ ଦେୟ ପୈଠ କରି ନଥିବା ଅଭିଯୋଗ ରହିଛି । ଭୋଗ ଦୋକାନ ଟେଣ୍ଡର ନେଇ ବ୍ୟବସାୟ କରିବା ପରେ ଭୋଗ ଦୋକାନୀ ଚୁକ୍ତି ମୁତାବକ ଦେୟ ଦେଇ ନାହାନ୍ତି । ଟେଣ୍ଡର ଅନୁସାରେ ଅବଧି ଶେଷ ହେବା ପରେ ସଂପୃକ୍ତ ବ୍ୟକ୍ତି ଭୋଗ ଦୋକାନ ପରିସର ଛାଡ଼ି ଚାଲି ଯାଇଥିଲେ ମଧ୍ୟ ଏ ବାବଦ ଅର୍ଥ ପଇଠ କରି ନାହାନ୍ତି । ଏପରି ଘଟଣାର ଦେବୋତ୍ତର କମିଶନର ଓ ସହକାରୀ କମିଶନରଙ୍କ ଦ୍ୱାରା ଯୁଗ୍ମ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି। ଏଥି ସହିତ ଭୋଗ ଓ ଦୀପ ଦୋକାନ ବାବଦ ବକେୟା ଅର୍ଥ ଆଦାୟ ପାଇଁ ଆଇନ ଅନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି ।

## ରାଜ୍ୟପାଳଙ୍କୁ ଭେଟିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

# ୨ ରାଜ୍ୟ ମଧ୍ୟରେ ସମ୍ପର୍କ ମଜବୁତ ନେଇ କଲେ ଆଲୋଚନା



**ଭୁବନେଶ୍ୱର, ୨୧।୮ ନ୍ୟୁଜ ବ୍ୟୁରୋ**
ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ ସୋମବାର ଲୋକଭବନରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ଭେଟିଛନ୍ତି। ଏହି ସମୟରେ ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଥିବା ଦୀର୍ଘଦିନର ସାମାଜିକ ଓ ସାଂସ୍କୃତିକ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଏଥି ସହିତ ବିଭିନ୍ନ କ୍ଷେତ୍ରରେ ବିକାଶ ତଥା ସହଯୋଗ ସମ୍ପର୍କରେ ମତାମତ ବିନିମୟ ହୋଇଥିଲା।
ଏହି ଅବସରରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସମ୍ପର୍କକୁ ଆହୁରି ଅଧିକ ମଜବୁତ କରିବା ଏବଂ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଏଥି ସହିତ ଦୁଇ ରାଜ୍ୟ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ଏବଂ ସହଯୋଗ ତଥା ସାମୂହିକ ବିକାଶ ଲକ୍ଷ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ସମନ୍ୱୟ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଥିଲା।

# ଓଡ଼ିଶା ସରକାର-ସେଲ୍‌କୋ ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର,୨୧/୦୯ ନ୍ୟୁଜ ବ୍ୟୁରୋ**
ଦକ୍ଷିଣ ଓଡ଼ିଶାରେ ସମାବେଶୀ ଓ ସ୍ଥାୟୀ ବିକାଶକୁ ଆହୁରି ସୁଦୃଢ଼ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାର ଏବଂ "ସେଲକୋ" ଫାଉଣ୍ଡେସନ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ବିଭାଗର କମିଶନର-ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍. ଏବଂ "ସେଲକୋ" ଫାଉଣ୍ଡେସନ୍‌ର ମୁଖ୍ୟ ଫାଇନାନ୍ସ ଅଧିକାରୀ ଭି.କେ. ଜୋବି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ କଳାହାଣ୍ଡି, ରାୟଗଡ଼ା, ଗଜପତି, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ଏହି ସହଯୋଗ କାର୍ଯ୍ୟକାରୀ ହେବ। ସ୍ଥାୟୀ ଜୀବିକା ଓ ସ୍ଥାନୀୟ ଅର୍ଥନୈତିକ ବିକାଶ, ସ୍ୱାସ୍ଥ୍ୟ ଓ ପୁଷ୍ଟି, ସ୍ୱଚ୍ଛ ଶକ୍ତି, ଜଳବାୟୁ ସହନଶୀଳ ବିକାଶ, ଆଦିବାସୀ ଜ୍ଞାନ ଓ ନବସୃଜନ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗିତା ଭଳି କ୍ଷେତ୍ରରେ ମିଳିତ ଭାବେ ପଦକ୍ଷେପ ନିଆଯିବ। ଏହି ସହଯୋଗରେ ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ସହ ଜିଲ୍ଲା ପ୍ରଶାସନର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯିବ। ବିଦ୍ୟମାନ ସରକାରୀ ଯୋଜନା ଓ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ପ୍ରଯୁକ୍ତି, ବୈଷୟିକ ଜ୍ଞାନ, ନବସୃଜନ ଓ କ୍ଷମତା ବିକାଶର ଉପଯୋଗ କରାଯିବ। କୃଷକ, ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ, ଉତ୍ପାଦକ ଗୋଷ୍ଠୀ, ଯୁବବର୍ଗ, କାରିଗର, ଆଦିବାସୀ ସମୁଦାୟ, ଦିବ୍ୟାଙ୍ଗ ଏବଂ ଗ୍ରାମୀଣ କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ଜୀବିକା ଓ ଉଦ୍ୟୋଗିତାକୁ ବଜାର ସଂଯୋଗ, ପ୍ରଯୁକ୍ତି ଓ ଦକ୍ଷତା ବିକାଶ ମାଧ୍ୟମରେ ସୁଦୃଢ଼ କରାଯିବ। ବୈଠକରେ ନୀତି ଆୟୋଗର ପ୍ରାକ୍ତନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବି.ଭି.ଆର, ଶୁଭ୍ରମନ୍ୟମ୍ ଏବଂ ସେଲକୋ ଫାଉଣ୍ଡେସନର କର୍ତ୍ତୃପକ୍ଷ ହରିଶ୍ ହାଣ୍ଡେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।



ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଛନ୍ତି ଯେ, ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ପାଇଁ ଆମର ପ୍ରମୁଖ ୩ଟି ସ୍ତମ୍ଭ ରହିଛି । ତାହା ହେଲା ସମୃଦ୍ଧି, ସୁସ୍ଥତା ଏବଂ ସମାନତା । ଏହି ପରିପ୍ରେକ୍ଷୀରେ ସ୍ୱାକ୍ଷର ହୋଇଥିବା ବୁଝାମଣାପତ୍ର ଦକ୍ଷିଣ ଓଡ଼ିଶାର ଉପରୋକ୍ତ ଜିଲ୍ଲାଗୁଡ଼ିକରେ ସମାବେଶୀ ଓ ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ସମ୍ପର୍କିତ କାର୍ଯ୍ୟକ୍ରମର ଅଗ୍ରଗତି ପ୍ରତି ମାସରେ ସମୀକ୍ଷା କରିବା ସହିତ ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ବର୍ଷକୁ ୨ ଥର ସମୀକ୍ଷା ବୈଠକ କରାଯିବା ନେଇ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

# ରାଜ୍ୟରେ ଖୋଲିବ ୬ଟି ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା କୋର୍ଟ

**ଭୁବନେଶ୍ୱର, ୨୧/୦୯ ନ୍ୟୁଜ ବ୍ୟୁରୋ**
ଅନୁସୂଚିତ ଜାତି ଓ ଜନଜାତିଙ୍କ ସଶକ୍ତୀକରଣ ନିମନ୍ତେ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ୬ଟି ସ୍ୱତନ୍ତ୍ର ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା କୋର୍ଟ ସ୍ଥାପନ କରିବେ। ଏହି କୋର୍ଟଗୁଡ଼ିକରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ମାମଲାର ଫୈସଲା କରାଯିବ। ରାଜ୍ୟ ସରକାରଙ୍କ ଗୃହ ବିଭାଗ ଏନେଇ ବିଜ୍ଞପ୍ତି ପ୍ରକାଶ କରିଛି। ରାଜ୍ୟ ଉଚ୍ଚନ୍ୟାୟାଳୟଙ୍କ ପରାମର୍ଶ ଓ ପ୍ରାରମ୍ଭିକ ଅନୁମୋଦନ ପରେ ବିଜ୍ଞପ୍ତି (୧୬୩୯୫/ହୋମ୍-ସିଏଚ୍ଆର-ସିଆରଟିଏନ୍୨-୦୦୦୧-୨୦୧୫/ସିପିଆଣ୍ଡଏମ୍) ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଆଧାରରେ ଗଞ୍ଜାମ (ବ୍ରହ୍ମପୁର), ଖୋର୍ଦ୍ଧା, ପୁରୀ, ଯାଜପୁର, କେନ୍ଦ୍ରପଡ଼ା ଓ ଭଦ୍ରକରେ କୋର୍ଟ ସ୍ଥାପନ କରାଯିବ। ଏହି କୋର୍ଟଗୁଡ଼ିକ ଅନୁସୂଚିତ ଜାତି ଓ ଜନଜାତି (ନିର୍ଯ୍ୟାତନା ନିରାକରଣ) ଆଇନ ୧୯୮୯ର ମାମଲାଗୁଡ଼ିକ ବିଚାର କରିବେ।ଏହି କୋର୍ଟଗୁଡ଼ିକ ଅତିରିକ୍ତ ଜିଲ୍ଲା ଓ ସେସନ୍‌ସ ଜଜ୍ ତଥା ସ୍ୱତନ୍ତ୍ର କୋର୍ଟ ଭାବେ କାର୍ଯ୍ୟ କରିବ। ଏହାଦ୍ୱାରା କୋର୍ଟଗୁଡ଼ିକରେ ଅଟକି ରହିଥିବା ଅନେକ ମାମଲାଗୁଡ଼ିକର ତ୍ୱରିତ ବିଚାର ହୋଇପାରିବ। ଏହି ବିଜ୍ଞପ୍ତି ପରେ ୬ଟି ସ୍ୱତନ୍ତ୍ର କୋର୍ଟ ନିମନ୍ତେ ଅତିରିକ୍ତ ଜିଲ୍ଲା ଓ ସେସନ୍‌ସ ଜଜ୍‌ଙ୍କୁ ଅଧ୍ୟକ୍ଷ ଅଧିକାରୀ ଭାବେ ଔପଚାରିକ ନିଯୁକ୍ତି ଦେବା ପାଇଁ ଉଚ୍ଚନ୍ୟାୟାଳୟକୁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି। ଏହାସହ ଅନ୍ୟ ଜିଲ୍ଲାଗୁଡ଼ିକ ନିମନ୍ତେ ମଧ୍ୟ ଅତିରିକ୍ତ ସ୍ୱତନ୍ତ୍ର କୋର୍ଟ ଓ ସ୍ୱତନ୍ତ୍ର ସରକାରୀ ଓକିଲଙ୍କ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାର ସକ୍ରିୟ ଭାବେ ସ୍ଥିତିର ସମୀକ୍ଷା କରୁଛନ୍ତି ବୋଲି ସୋମବାର ଗୃହ ବିଭାଗ ପକ୍ଷରୁ ଜାରି ପ୍ରେସ୍ ବାର୍ତ୍ତାରେ ସୂଚନା ଦିଆଯାଇଛି।



ଭୁବନେଶ୍ୱର : ରାସ୍ତା ସଂପ୍ରସାରଣ ପାଇଁ ଗାଡକଣରେ ବିଡିଏ ପକ୍ଷରୁ ଘରୋଇ କୋଠାଗୁଡ଼ିକୁ ଉଚ୍ଛେଦ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ଲଗାଣ ବର୍ଷା ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି

**ଭୁବନେଶ୍ୱର, ୨୧/୦୯ ନ୍ୟୁଜ ବ୍ୟୁରୋ**
ସମ୍ଭାବ୍ୟ ଲଗାଣ ବର୍ଷାର ସଫଳ ମୁକାବିଲା ଏବଂ ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ଓ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ଆଭାସୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ଭାବ୍ୟ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଇଥିବା ପ୍ରସ୍ତୁତି, ଜରୁରୀକାଳୀନ ସ୍ୱାସ୍ଥ୍ୟସେବା, ଔଷଧ ଓ ଆବଶ୍ୟକୀୟ ଚିକିତ୍ସା ସାମଗ୍ରୀର ଉପଲବ୍ଧତା, ଆମ୍ବୁଲାନ୍ସ ବ୍ୟବସ୍ଥା ଏବଂ ହସ୍ପିଟାଲଗୁଡ଼ିକର ପ୍ରସ୍ତୁତି ଆଦି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ସମ୍ଭାବ୍ୟ ଲଗାଣ ବର୍ଷାକୁ ନେଇ ଜନସାଧାରଣ ଭୟଭୀତ ନହୋଇ ସତର୍କ ରହିବା ସହ ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀକୁ ଅନୁସରଣ କରିବାକୁ ସେ ଅନୁରୋଧ କରିଛନ୍ତି। ଏହା ସହ ରାଜ୍ୟ ସରକାର ଜନସାଧାରଣଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ପ୍ରତି ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ସେହିଭଳି ମନ୍ତ୍ରୀ ସମସ୍ତ ଜିଲ୍ଲାରେ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ସମସ୍ତ ଅଧିକାରୀଙ୍କୁ ସତର୍କ ଓ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ କହିଥିଲେ । ଲଗାଣ ବର୍ଷା ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ଚିକିତ୍ସାସେବା ତୁରନ୍ତ ଉପଲବ୍ଧ କରାଇବା ସହ ହସ୍ପିଟାଲଗୁଡ଼ିକରେ ଆବଶ୍ୟକ ପ୍ରସ୍ତୁତି ଓ ସମ୍ପଦ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଆଭାସୀ ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ସଚିବ ଆସ୍ୱତି ଏସ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼. ରବୀନ୍ଦ୍ର ନାଥ ମିଶ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ମହେଶ ମୋହନ ପଣ୍ଡା, ଡିଏମଇଟି ଦୁର୍ଗା ମାଧବ ଶତପଥୀ, ସମସ୍ତ ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ତଥା ସମସ୍ତ ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସିପାଲ ପ୍ରମୁଖ ଯୋଗଦେଇଥିଲେ।




## ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା ରବିବାସରୀୟ କଳିକା ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ରେଳ ଧାରଣା ପାର୍ ହେଉଥିବା ବେଳେ ଟ୍ରେନ୍ ଚଢ଼ିଯାଇ ନଣନ୍ଦ-ଭାଉଜ ମୃତ

**ବାଲେଶ୍ୱର ୨୧।୯ ନ୍ୟୁଜ ବ୍ୟୁରୋ**
ଟ୍ରେନରେ କଟିଗଲେ ଦୁଇ ମହିଳା । ରେଳ ଧାରଣା ପାରି ହେଉଥିଲା ବେଳେ ଚଢି ଗଲା ଶାଲିମାର ଏକ୍ସପ୍ରେସ । ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବସ୍ତା ରେଳ ଷ୍ଟେସନ ନିକଟରେ । ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ବାଉଁଶତୋଫା ଗାଁର ରୁକଚାନ୍ଦ ମାରାଣ୍ଡି ଏବଂ ତାଙ୍କ ନଣନ୍ଦ ଉଭୟେ ସୋମବାର ସକାଳ ସମୟରେ ବସ୍ତା ବଜାରକୁ ଆସିଥିଲେ । ଘରକୁ ଫେରିବା ପାଇଁ ଅସାବଧାନତା ବଶତଃ ରେଳ ଧାରଣା ପାର ହେଉଥିବା ବେଳେ ଦୁଇ ମହିଳାଙ୍କ ଉପରେ ହାୱଡ଼ା ଯାଉଥିବା ଶାଲିମାର ଏକ୍ସପ୍ରେସ୍ ଚଢି ଯାଇଥିଲା। ଘଟଣାସ୍ଥଳରେ ହିଁ ଦୁଇ ମହିଳାଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।



